# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA

ପୀଡ଼ା
ମମତାଙ୍କ 'ସୁପ୍ରିମ୍' ଲଢ଼େଇ
ଚାଷୀ: ମଣ୍ଡିରେ ପିଟୁଛି ମୁଣ୍ଡ
ସୋଫିଆ, ଉପାସନା ଓ ବର୍ଷାଙ୍କ କ୍ରେଜ୍
ଲୁଲୁ ରିଟର୍ଣ୍ଣସ
ପାଖାପାଖି ବସିଲେ, ହେଲେ...

ଇ ପେପର୍ ଓ ନ୍ୟୁଜ୍ ପାଇଁ ସ୍କାନ୍ କରନ୍ତୁ

PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-12 09 FEBRUARY- 15 FEBRUARY 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୧୨ ୦୯ ଫେବ୍ରୁଆରୀ - ୧୫ ଫେବ୍ରୁଆରୀ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର





# ରାଜ ସିଂହାସନରେ ଶାସକ ଭୋଜରାଜ ସିଂହାସନରେ ବିରୋଧୀ

ଭୋଜରାଜ ସିଂହାସନର ମାହାତ୍ମ୍ୟ ଆମେ ସମସ୍ତେ ଜାଣିଛେ। ସେଇ ସିଂହାସନରେ ବସିଲେ ସମସ୍ତେ ନ୍ୟାୟବନ୍ତ ହୋଇଯାଆନ୍ତି। ବ୍ୟକ୍ତି ନୁହଁ ସମୂହ ଦୃଶ୍ୟମାନ ହୁଏ। ହେଲେ ସେଇ ସିଂହାସନରୁ ଓହ୍ଲାଇପଡ଼ିଲେ ସମୂହ ଅପେକ୍ଷା ବ୍ୟକ୍ତି ଦିଶେ। ଆଜିକା ରାଜନୀତିକୁ ଦେଖିଲେ ମନେହୁଏ ଶାସକ ସବୁବେଳେ ରାଜ ସିଂହାସନରେ ବସନ୍ତି ଆଉ ବିରୋଧୀ ଭୋଜରାଜ ସିଂହାସନରେ।

ବିରୋଧୀରେ ଥିବାବେଳେ ନେତା ଯାହା କହନ୍ତି, ଶାସନକୁ ଆସିଲେ ତାହା ଭୁଲିଯାଆନ୍ତି। ସତେଯେମିତି ପୁରୁଣା କଥାଗୁଡ଼ାକ ରଫ ଖାତା ଭଳି କେଉଁ ଏକ ରଦ୍ଦି ଦୋକାନକୁ ଚାଲିଯାଏ। ବିରୋଧୀରେ ଥିବାବେଳେ ତୁମ୍ବିତୋଫାନ୍ ଚାଲେ। କଟନୀଛଟନୀ, ଆବାସ, ଭତ୍ତା, ବେଆଇନ୍ ଖଣି ବେପାରକୁ ନେଇ ହାଲାବୋଲ ହୁଏ, ବିଧାନସଭା ଆଉ ରାଜରାସ୍ତାରେ ନାରାବାଜି ପଡ଼େ। ଲୋକଙ୍କ ପାଇଁ ଏମିତି ଲୁହ ଗଡ଼ାନ୍ତି ଯେ, ରୁମାଲ ଭିଜିଯାଏ। କାହିଁକିନା ସେତେବେଳେ ସେମାନେ ଭୋଜରାଜ ସିଂହାସନରେ ବସି ସାଧାରଣ ଲୋକର କଥା ଭାବନ୍ତି। ହେଲେ ଭୋଜରାଜ ସିଂହାସନରୁ ଓହ୍ଲାଇ ସେମାନେ ଯେମିତି ରାଜ ସିଂହାସନ ବା ଶାସନ କ୍ଷମତାକୁ ଚାଲିଯାଆନ୍ତି, ସେତେବେଳେ ଲୋକଙ୍କ ସମସ୍ୟା ଆଉ ଦୁଃଖ ଅପେକ୍ଷା ଭୋଟ୍ ଆଉ ପାର୍ଟି ଚାନ୍ଦା ହିଁ ଦିଶେ।

ଅନୁରୂପ ଭାବେ ଗତକାଲି ରାଜ ସିଂହାସନରେ ବସିଥିବାବେଳେ ଶାସକେ ଲୋକଙ୍କ କଥାକୁ ଭୁଲି ଯାଇଥିଲେ। ଯେତେବେଳେ ଲୋକେ ତାଙ୍କୁ ସିଂହାସନରୁ ତଡ଼ିଦେଲେ ସେତିକି ବେଳେ ଚେତା ପଶିଲା। ପୁଣି ଭୋଜରାଜ ସିଂହାସନରେ ବସି ସେମାନେ ସାଧାରଣ ଲୋକର କଥା ଚିନ୍ତା କରନ୍ତି। ଯେଉଁ ନେତାମାନେ ସାଧାରଣ ଲୋକକୁ ବାସିପାଣିରେ ପଚାରୁନଥିଲେ ବିରୋଧୀକୁ ଆସିବା ପରେ ସେମାନେ ଲୋକଙ୍କ ପାଇଁ ବିନା ପାଣିରେ ଅନଶନ କରନ୍ତି।

ଯାକୁ ହିଁ ରାଜନୀତି ଚକ୍ର କୁହନ୍ତି। ଜଳଚକ୍ରରେ ଯେମିତି ନଦୀ ନାଳରୁ ସୂର୍ଯ୍ୟ ପାଣି ଶୋଷି ନିଅନ୍ତି, ପୁଣି ତାହା ଘନୀଭୂତ ହୋଇ ବର୍ଷା ହୁଏ, ଠିକ୍ ସେମିତି ଶାସକ ଓ ବିରୋଧୀଙ୍କ କୁମ୍ଭୀରକାନ୍ଦଣାକୁ ରାଜନୀତି ଚକ୍ର ବୋଲି କହିଲେ ଭୁଲ୍ ହେବ କି?

କେନ୍ଦ୍ରରୁ ନେଇ ରାଜ୍ୟ ପର୍ଯ୍ୟନ୍ତ ଆପଣମାନେ ମର୍ମେ ମର୍ମେ ଏକଥା ଅନୁଭବ କରୁଥିବେ। ଆଜି ଯିଏ ଶାସନରେ, ସେମାନେ କାଲି ଥିଲେ ବିରୋଧୀ । ଆଉ ଗତକାଲିର ବିରୋଧୀ ଆଜି ଶାସକ। ତାଙ୍କର ପୁରୁଣା କଥା ଆଉ ଏବେକାର କାମକୁ ଥରେ ତର୍ଜମା କଲେ ସବୁକିଛି ବୁଝିହେବ। ବେଳେବେଳେ ଲାଗେ ଖଣ୍ଡଗିରି ମେଳାରେ ମୁହଁରେ ପାଉଡ଼ର ବୋଳି ନିଜ ନିଜ ଚରିତ୍ରରେ ପଶି ଅଭିନୟ କରୁଥିବା ଅଭିନେତାଙ୍କ ଅପେକ୍ଷା ଆମ ନେତାଙ୍କ ଅଭିନୟ ଚମତ୍କାର ଓ ଦମଦାର। ଭଗବାନ୍ ସଦବୁଦ୍ଧି ଦିଅନ୍ତୁ। କାହିଁକିନା ବର୍ତ୍ତମାନ କି ଅତୀତ ଅପେକ୍ଷା ଇତିହାସ ବେଶୀ କଷ୍ଟ ଦିଏ ।

# ଶ୍ରେୟ ପାଇଁ ମନ୍ତ୍ରୀ ବାଉଳା

ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଶୃଙ୍ଖଳାରେ ଶ୍ରେୟ ନେବାକୁ ଯାଇ ସମାଲୋଚନାର ଶିକାର ହୋଇଛନ୍ତି। ଘଟଣାଟି ହେଉଛି, ମୁକେଶଙ୍କ ନିର୍ବାଚନମଣ୍ଡଳୀ ଲୋଇସିଂହାର। ଆଗଲପୁର ବ୍ଲକର ନଅଗାଁ ଅଞ୍ଚଳର ଯୁବ ଚାଷୀ ବଳରାମ ପ୍ରଧାନଙ୍କ ଧାନ କିଣା ଟଙ୍କା ତାଙ୍କର ଏକ ଅଚଳ ଆକାଉଣ୍ଟକୁ ଆସିଥିଲା। ସେହି ଆକାଉଣ୍ଟଟି କେରଳରେ ଥିବାରୁ ସେ କାଗଜପତ୍ର କାମ କରିବାକୁ କେରଳ ଯାଇଥିଲେ । ତେବେ ଦୁର୍ଭାଗ୍ୟବଶତଃ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ ଶରୀରକୁ ଓଡ଼ିଶାକୁ କେମିତି ଆଣିବେ ସେନେଇ ପରିବାର ଲୋକେ ଚିନ୍ତାରେ ଥିବାବେଳେ ମନ୍ତ୍ରୀ ଏନେଇ ପଦକ୍ଷେପ ନେଉଛନ୍ତି ବୋଲି ତାଙ୍କର ସମର୍ଥକମାନେ ପରିବାରବର୍ଗଙ୍କୁ ବୁଝାଇ ଦେଇଥିଲେ । କିନ୍ତୁ ବାସ୍ତବରେ ମନ୍ତ୍ରୀ କୌଣସି ପଦକ୍ଷେପ ନେଇନଥିଲେ । ଦୁଇଦିନ ପରେ ବଲାଙ୍ଗୀର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁଙ୍କ ସହ ଯାଇ ସେମାନେ ଜିଲ୍ଲାପାଳ ଓ ଏସପିଙ୍କୁ ଭେଟିଲେ। ପରେ ଗ୍ରାମବିକାଶ ନାମକ ଏକ ଏନଜିଓ ସହାୟତାରେ ସମ୍ପର୍କୀୟମାନେ କେରଳ ଯାଇଥିଲେ। ସେଠାରୁ ଏୟାରଲିଫ୍ଟରେ ଆଣିବାକୁ ଟଙ୍କା ନଥିବାରୁ ଦେବକୀ ଓ ବଳରାମଙ୍କ ସମ୍ପର୍କୀୟ ପୁତୁରା ଓ ଭିଣୋଇ ଅର୍ଥ ଦେଇଥିଲେ। କୋଚିରୁ କେରଳ ଆଣିବା ପରେ ଅନ୍ତ୍ୟେଷ୍ଟି କରାଯାଇଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ସହଯୋଗରେ ଶବକୁ କେରଳରୁ ଓଡ଼ିଶାକୁ ଅଣାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ସୋସିଆଲ ମିଡ଼ିଆରେ ମନ୍ତ୍ରୀ ମହାଲିଙ୍ଗ ପୋଷ୍ଟ କରିଥିଲେ । କୌଣସି ସହାୟତା ନକରି ଶ୍ରେୟ ପାଇଁ ମନ୍ତ୍ରୀ ଏମିତି ହାଇପାଇଁ ହେବାକୁ ନେଇ ସାଧାରଣରେ ତୀବ୍ର ସମାଲୋଚନାର ଶରବ୍ୟ ହୋଇଛନ୍ତି ମୁକେଶ ।

ବି.ଦ୍ର: 'ଗର୍ବିତ ଓଡ଼ିଆ' ସଂକ୍ରାନ୍ତୀୟ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣୀ ଭୁବନେଶ୍ୱର କୋର୍ଟରେ କରାଯିବ।




## ବାବା ଅବ୍ଜର୍ଭାନନ୍ଦ

ବିରଳାଙ୍କ କଥା ଲାଗିଲା ଯେମିତି
ବିରୋଧୀ ଆତଙ୍କବାଦୀ,
ଆକ୍ରମଣ କାଳେ କରିବେ ସଂସଦେ
ତେଣୁ ଆସିଲେନି ମୋଦୀ ।

ସେନାମୁଖିଆଙ୍କ ବହିକୁ ଦେଖାଇ
ଘେରୁଛି ରାହୁଲ ଗାନ୍ଧୀ,
ବିଦେଶୀ ଏଜେଣ୍ଟ ଭାବ ଯଦି ତାଙ୍କୁ
ନେଉନାହଁ କିଆଁ ବାନ୍ଧି ?

ଲୋକସଭାରେ ବା ଶାସକଦଳର
ସାଂସଦଙ୍କ ସଂଖ୍ୟା ବେଶୀ,
ପ୍ରଧାନମନ୍ତ୍ରୀଙ୍କୁ ଅସମ୍ମାନ କରି
ଯାଇଥାନ୍ତେ କି ସେ ଖସି ?

ବଡ଼ ଗଣତନ୍ତ୍ର ବଡ଼ ସେ ମନ୍ଦିର
ଯଦି ସୁରକ୍ଷିତ ନୁହେଁ,
ସାଧାରଣ ଲୋକ ଭାବିଲେଣି ଏବେ
ଆମ କଥା ବୁଝେ କିଏ ।

ଓମ୍ ଅଙ୍କଲଙ୍କ ଭିଡିଓ ଦେଖିକି
ପଚାରୁଛି ପୁଅ ଆସି,
ବାମକୁ ଦେଖିଲେ ମୁହଁ ଫଣ ଫଣ
ଡାହାଣକୁ କାହିଁ ଖୁସି ?



କର୍ମୀ ଦଳ ପାଇଁ ଖଟେ। ଘର ପାଇଟି ପଛରେ ପକାଇ ଆଗ ଦଳ ପାଇଟି କରେ। ବିଲରେ ପଛେ ଧାନ କଟା ନହୋଇ ପଡ଼ିଥିବ, ଇଏ କିନ୍ତୁ କାହା ବାଇକ୍ ପଛରେ ବସି ଦଳର ଜିନ୍ଦାବାଦ ପକାଉଥିବା ମାଲ୍ ଟିକେ ବୁଲେଇ ଦେଇ ଗାଁ ମଝିରେ ବିପକ୍ଷଙ୍କୁ ଲକ୍ଷ୍ୟ କରି ଏତେ ସଂସ୍କୃତ ଶବ୍ଦ ଫିଙ୍ଗିବ ଯେ, ଗୋଟେଇ ଗାଟେଇ ଦେଲେ ଦି ଗାଣ୍ଡୁଆ ହେବା ମଝିରେ ମଝିରେ ମାଡ଼ ଖାଇ ଗାଲ ଓ ପିଠି ଦରଜ କରିବ। ଭାରି ସ୍ୱାଭିମାନୀ। ନିଜ ଦଳରୁ ଶହେ ନେଇକି ଭୋଟ୍ ଦେବ, ହେଲେ ବିପକ୍ଷ ପାଁଶହ ଯାଚିଲେ ଫିଙ୍ଗିଦେବ। ଆଜିକାଲି ଏଇ କର୍ମୀ ବାପୁଡ଼ା ଭାରି ପୀଡ଼ାରେ ଅଛି। ଆଗରୁ ଏମିତି ପୀଡ଼ା ନଥିଲା। କାହିଁକି ନା ସେ ଦଳର ଉପର ମହଲରେ କ'ଣ ଘଟୁଛି ଜାଣିପାରେନା ? ହେଲେ ଏବେ ମୋବାଇଲ୍‌ରେ ସବୁଦିନ ବଡ଼ ନେତାଙ୍କ ସଉତୁଣୀ କଳି ଦେଖୁଛି। ମନ ବାଡ଼େଇଛାତି ହେଉଛି। ସେ କିଛି ବୁଝିପାରୁନି, ତା' ଦଳ ଚାଲିଛି କେମିତି? ଆଗକୁ କ'ଣ ହେବ? କର୍ମୀର ପୀଡ଼ାକୁ ନେଇ 'ଅଖଛିଣ୍ଡା'ର ଉପସ୍ଥାପନା।

# ପୀଡ଼ା

**'ନିର୍ବାଚନ ବେଳେ ନେତାଙ୍କ ପାଇଁ କର୍ମୀମାନେ ଦେବତା। ଜିତିବା ପରେ କର୍ମୀଙ୍କ ପାଇଁ ନେତା ଦୁର୍ଲଭ'।**

## ଦେବଦୁର୍ଲଭର **କୋହ**

କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶବ୍ଦକୋଷ ଖୋଜିଖୋଜି ବଢ଼ିଆ ବଢ଼ିଆ ଶବ୍ଦ ବାହାର କରନ୍ତି। ଏଇଯେମିତି ବିଜେପିରେ ଏବେ ଦେବଦୁର୍ଲଭ ବିଶେଷଣଟି ବେଶ୍ ଭାଇରାଲ୍ ହେଉଛି। ଦଳ ପାଇଁ ଦିନରାତି ଏକ କରୁଥିବା କାର୍ଯ୍ୟକର୍ତ୍ତାଙ୍କୁ ପ୍ରାୟ ସବୁ ନେତା ମଞ୍ଚରେ ଏମିତି ଭାବେ ହିଁ ସମ୍ବୋଧିତ କରୁଛନ୍ତି। କିନ୍ତୁ ବାସ୍ତବତା ଭିନ୍ନ, ଗର୍ବିତ ଓଡ଼ିଆର 'ଦେବଦୁର୍ଲଭ ବନାମ ଦେବଦୁର୍ଲଭ ପ୍ରୋ' ଲେଖା ତଳେ ଫେସବୁକରେ ଜଣେ ବିଜେପି କର୍ମୀ ବଢ଼ିଆ କଥାଟି ଲେଖିଥିଲେ। ତାଙ୍କର କହିବା କଥା ଥିଲା, ଭୋଟ୍ ବେଳେ କର୍ମୀମାନେ ହେଉଛନ୍ତି ନେତାଙ୍କ ପାଇଁ ଦେବତା। ହେଲେ ଜିତିସାରିବା ପରେ କର୍ମୀଙ୍କ ପାଇଁ ନେତା ହେଉଛନ୍ତି ଦୁର୍ଲଭ। ମାନେ ନିର୍ବାଚନ ବେଳେ ଯେଉଁ ନେତା କାନ୍ଧରେ ହାତ ପକାଇ କର୍ମୀର ସୁଖଦୁଃଖ ବୁଝୁଥିଲା ସେ ଏବେ କ୍ଷମତା ପାଇବା ପରେ କର୍ମୀଙ୍କୁ ପଚାରୁନି ବୋଲି ଅନେକ ଦେବଦୁର୍ଲଭ କ୍ଷୋଭ ପ୍ରକାଶ କରୁଛନ୍ତି।

## ବଢ଼ିଛି ଆମଦାନୀ ନେତାଙ୍କ କାଟ୍‌ତି

ଉପରେ ହେଉକି ତଳେ, ମୂଳ କାର୍ଯ୍ୟକର୍ତ୍ତା ବା ନେତାଙ୍କ ଅପେକ୍ଷା ଏବେ ଆମଦାନୀ ନେତାଙ୍କ କାଟତି ଢ଼େର ବଢ଼ିଯାଇଛି। ପର ମାଇପ ସୁନ୍ଦର ନ୍ୟାୟରେ ଅନେକ ନିର୍ବାଚନମଣ୍ଡଳୀରେ ଏମିତି ଦୃଶ୍ୟ ଦେଖିବାକୁ ମିଳୁଛି। ସାଧାରଣତଃ ବିଜେପି କର୍ମୀମାନେ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନୁହଁନ୍ତି । ଅନେକ ବିଚାରଧାରାରୁ ଦଳରେ ଅଛନ୍ତି। ଖାଇବାର ଲୋଭ କି ଆଶା ଜମା ନାହିଁ କହିଲେ ତ ଭୁଲ୍ ହେବ, କିନ୍ତୁ ସୁଯୋଗ ନଥିଲା। ସେପଟେ ବିଜେଡ଼ି ବାଲାଙ୍କ ପାଖରେ ଢ଼େର ଟଙ୍କା। ୨୦୦୦ରୁ ୨୦୦୯ ପର୍ଯ୍ୟନ୍ତ ସିନା ଭାଗୁଆଳୀ ସରକାର ଥିଲା ହେଲେ ୨୦୦୯ ପରଠାରୁ ବିଜେଡ଼ି କର୍ମୀ କି ନେତାଙ୍କ ପାଖରେ ଟଙ୍କା ସାଲୁବାଲୁ। ପଞ୍ଚାୟତ ଓ ବ୍ଲକ ନେତାମାନେ କେତେ ଫଲସ ବିଲ୍ କରିଛନ୍ତି ତା'ର ଇୟତ୍ତା ନାହିଁ। ବିଜେଡ଼ିର ଅଧିକାଂଶ ପଞ୍ଚାୟତସ୍ତର ନେତା ଲକ୍ଷ ଲକ୍ଷ ଟଙ୍କା କମାଇଛନ୍ତି। ଏବେ ସେମାନଙ୍କ ମଧ୍ୟରୁ କିଛି ଓରଉଣ୍ଡି ବିଜେପି ପୋଖରୀରେ ବୁଡ଼ ପକାଇଛନ୍ତି। ଟଙ୍କା ଥିଲେ ତ ଆଦର। ତେଣୁ ବିଜେପିରେ ସେମାନେ ବେଶ୍ ଆଦର ପାଉଛନ୍ତି।





# କଂଗ୍ରେସଠୁ ବଳିଗଲାଣି ଗୋଷ୍ଠୀକନ୍ଦଳ

ସମସ୍ତେ ଜାଣନ୍ତି, କଂଗ୍ରେସ ହେଉଛି ଗୋଷ୍ଠୀକନ୍ଦଳର ଖଣି। କିନ୍ତୁ କଂଗ୍ରେସକୁ ଏବେ ବିଜେପି ବଳିଗଲାଣି। ଅବଶ୍ୟ କଂଗ୍ରେସିଆ ବୁଲିବୁଲି ଗପନ୍ତି, ମିଡ଼ିଆ ଆଗରେ ବି କହିଦିଅନ୍ତି, କିନ୍ତୁ ବିଜେପି ନେତାଏ ସେତକ କରନ୍ତିନି। କିନ୍ତୁ ମନ ଭିତରେ ସମସ୍ତଙ୍କର ମଞ୍ଜି ଦରଜ ରହିଛି। ରାଜ୍ୟ ବିଜେପିର ଶୀର୍ଷସ୍ତରରେ ଦି ତିନି ବଡ଼ ଗୋଷ୍ଠୀ। ଗୋଷ୍ଠୀ ଭିତରେ ବି ଗୋଷ୍ଠୀ। ଏମିତି ଛନ୍ଦାଛନ୍ଦି ହୋଇଅଛନ୍ତିଯେ, ଏବେ ଅନେକ ନେତା ଡରି ଡରି ବଞ୍ଚୁଛନ୍ତି। ସବୁବେଳେ କଥା ଲିକ୍ ହେବାର ଡର ଖାଇ ଗୋଡାଉଛି। ବିଧାୟକ-ସାଂସଦଙ୍କ ମଧ୍ୟରେ ଫାଟ। ଖାଲି ପାୱାରରେ ଅଛନ୍ତି ବୋଲି ମିଡ଼ିଆ ବଜାଉନି। ଯାହାଫଳରେ କଟକ ଖବର କଳାହାଣ୍ଡିକୁ କି ବରଗଡ଼ ଖବର ବ୍ରହ୍ମପୁରକୁ ଜଣାପଡୁନି। ହେଲେ ସେଠାକାର କର୍ମୀଟେ ଜାଣିଛି, ଦଳ କ୍ଷମତାକୁ ଆସିବା ପରେ କେମିତି ପଦ୍ମଫୁଲରେ ଯେତିକି ପାଖୁଡ଼ା ସେତିକି ଗୋଷ୍ଠୀ ହୋଇଗଲାଣି। ଏମିତି ଅନେକ ପୀଡ଼ାରେ ଅଛନ୍ତି ବିଜେପି କାର୍ଯ୍ୟକର୍ତ୍ତା। କିନ୍ତୁ ଦଳର ସ୍ୱାର୍ଥ ପାଇଁ ନିଜ ପୀଡ଼ାକୁ ଚାପିକି ରହିବାକୁ ବାଧ ହେଉଛନ୍ତି।



# 'ହାତ' ସଳଖ ହେବ କେବେ ?

କଂଗ୍ରେସର ହାତ ସଳଖ ହୋଇପାରୁନି। ୨୦୦୦ରୁ ଦଳ ପଛେ କ୍ଷମତାର ସୁଆଦ ଚାଖିନି, କିନ୍ତୁ ନେତାଙ୍କ ମଧ୍ୟରେ ବାଦିପାଲା କିନ୍ତୁ ଥମୁନି । ୨୦୦୪ରୁ ୨୦୧୪ ଯାଏଁ କେନ୍ଦ୍ରରେ କଂଗ୍ରେସ ସରକାର ଥିଲେବି ରାଜ୍ୟ କଂଗ୍ରେସ ଉଠିପାରିଲାନି। ତା'ର କାରଣ କିଏ? କଂଗ୍ରେସକୁ ବର୍ଷ ବର୍ଷ ଧରି କ୍ଷମତାର ସୁଆଦ ଚଖାଇଥିବା ଓଡ଼ିଶାବାସୀ ନା କଂଗ୍ରେସ ନେତା । ଏକଥାକୁ ନେଇ କଂଗ୍ରେସ କେବେ ତର୍ଜମା କରିବା ଭଳି ଲାଗୁନି। ଯେତିକି ବରିଷ୍ଠ ନେତା ପିସିସି ସଭାପତି ହେବାକୁ ବାଡ଼ିଆବାଡ଼ି ହେଉଛନ୍ତି, ସେମାନେ ରାଜ୍ୟସ୍ତରୀୟ ନେତାର ଲୋଭ ଛାଡ଼ି ଯଦି ନିଜ ନିର୍ବାଚନମଣ୍ଡଳୀରେ ଫୋକସ କରନ୍ତେ ତାହେଲେ ବି କଂଗ୍ରେସ ୪୦ ଟପି ସାରନ୍ତାଣି । ଯୁବ କଂଗ୍ରେସକୁ ତା'ବାଟରେ ବି ବରିଷ୍ଠ ନେତାମାନେ ଛାଡ଼ିବାକୁ ନାରାଜ । ରାହୁଲ ଗାନ୍ଧୀ କହିଥିଲେ, ଯୁବ କଂଗ୍ରେସ ସଭାପତି ନିର୍ବାଚନ ହେଲେ ଦକ୍ଷ ନେତା ଦଳ ପାଇପାରିବ । ହେଲେ ଏଠି ଯୁବନେତା କିଏ ନିରଞ୍ଜନଙ୍କର ତ କିଏ ଜୟଦେବଙ୍କର, କିଏ ଭକ୍ତଙ୍କର ତ କିଏ ଆଉ କାହାର? ଓଡ଼ିଶା କଂଗ୍ରେସର ଦୁର୍ଗତି ପାଇଁ ବରିଷ୍ଠ ନେତାମାନେ ହିଁ ଦାୟୀ। ରାହୁଲ ଗାନ୍ଧୀ ଯଦି ସବୁ ବରିଷ୍ଠ ନେତାଙ୍କୁ ମାତ୍ର ବର୍ଷେ ବିଶ୍ରାମ ଦେଇ ଯୁବନେତାଙ୍କୁ ଆଗକୁ ଛାଡ଼ନ୍ତେ ତାହେଲେ ଯାଇ କଂଗ୍ରେସ ଭଲ ପ୍ରଦର୍ଶନ କରିପାରିବ। ଯେପର୍ଯ୍ୟନ୍ତ କଂଗ୍ରେସରେ ତୋଷାମଦିଆ, ଲବି, ସେଟିଂର ଅନ୍ତ ଘଟିନି, ସେ ପର୍ଯ୍ୟନ୍ତ କଂଗ୍ରେସ ଆଗେଇବାର ଚାନ୍ସ ହିଁ ନାହିଁ ।

# ନେତା ରାଜ୍ ନା ଅଫିସର ରାଜ୍

ବିଜେଡି ଅମଳରେ ଚାଲିଥିଲା ଅଫିସର ରାଜ୍। ଯାହାକୁ ବିଜେପି ପ୍ରସଙ୍ଗ କରୁଥିଲା। କହୁଥିଲା, ଆମେ ଆସିଲେ ନେତା ରାଜ୍ ଚାଲିବ, ଅଫିସର ରାଜ୍ ବନ୍ଦ ହେବ। ହେଲେ ବିଜେପି ଅମଳରେ ବେଶୀ ଅଫିସର ରାଜ୍ ଚାଲିଛି । ବିଜେପିର ୭୯ ବିଧାୟକ ଆଉ ୨୦ ସାଂସଦଙ୍କୁ ଛାଡ଼ିଦେଲେ ବାକି କୋଉ ନେତାଙ୍କ କଥା ଅଫିସର ଶୁଣୁନାହାନ୍ତି। ଏମିତିକି ଅନେକ ବିଧାୟକ ଓ ସାଂସଦଙ୍କ କେତେକ କଥା ଅଫିସର ଶୁଣୁନଥିବାରୁ ସେମାନେ ଫେରାଦ୍ ବି ହେଉଛନ୍ତି । ନିର୍ବାଚିତ ନେତାଙ୍କ ହାଲ୍ ଯଦି ଏମିତି, ସାଧାରଣ କାର୍ଯ୍ୟକର୍ତ୍ତାଙ୍କ ହାଲ୍ କିଭଳି ବେହାଲ୍ ହୋଇଥିବ ସହଜେ ଅନୁମେୟ ।

କେହି କେହି କହିବେ, ନା ଅଫିସର ରାଜ୍ ଆଗଭଳି ନାହିଁ । ହଉ ହେଲା, ତାହା ଯଦି ଠିକ୍ ନିଗମ ଆଉ ବୋର୍ଡ଼ ଏବେ କାହା ଦଖଲରେ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ବୁଝୁଛନ୍ତି କିଏ, ନେତା ନା ଅଫିସର ? ଯେତେସବୁ ନିଗମ ରହିଛି ସେଠି କିଏ ମୁଖ୍ୟ, ନେତା ନା ଅଫିସର? ସରକାର ଆସୁ ଆସୁ ରାଜ୍ୟ ସଭାପତି ମନମୋହନ ସାମଲ କହିଥିଲେ, ଚାରିମାସ ଭିତରେ ଫାଇନାଲ୍ ହେବ। ଇତିମଧ୍ୟରେ କେତେ ଚାରି ମାସ ବିତିଗଲାଣି, ତାଲିକା କିନ୍ତୁ ଫାଇନାଲ୍ ହୋଇପାରୁନି। କିଛି ନେତା କହିପାରନ୍ତି, ଆମର ଜାତୀୟ ଦଳ ତ, ଦିଲ୍ଲୀରୁ ସବୁ ଫାଇନାଲ୍ ହେବ। ତାହେଲେ ତ ବିଜେଡ଼ି ଠିକ୍ କହୁଛି, ରାଜ୍ୟ ବିଜେପି ସରକାରର ରିମୋର୍ଟ ଦିଲ୍ଲୀରେ। ଏହାଦ୍ୱାରା କର୍ମୀ ଆଉ ନେତାକୁ ପୀଡ଼ା ହେଉଛି କି ନାହିଁ। ହଁ ମାସେ କି ଦିମାସ ବିଳମ୍ବ ହେଲେ କିଛି କଥା ନାହିଁ, ଦି ବର୍ଷ ପାଖାପାଖି ହୋଇଗଲାଣି। ସବୁଠାରୁ ବଡ଼ କଥାହେଉଛି, ୨୨ ମନ୍ତ୍ରୀ ଯାଗାରେ ଏବେ ୧୬ ଅଛନ୍ତି। ଆଉ ୬ ମନ୍ତ୍ରୀ ବି ସାମିଲ୍ ହୋଇପାରୁନାହାନ୍ତି। ମନ୍ତ୍ରୀମାନଙ୍କ ଉପରେ କାମ ଚାପ ବଢ଼ିବା ସ୍ୱାଭାବିକ। ବାସ୍ କିଛି ମନ୍ତ୍ରୀ ଅଫିସରଙ୍କ ଉପରେ ଦାୟିତ୍ୱ ଥୋଇ ଦେଇ ଆରାମରେ ଉତ୍ସବ, ମହୋତ୍ସବ, ଶୋଭାଯାତ୍ରାରେ ସେଲଫି ନେବାରେ ବ୍ୟସ୍ତ ରହୁଥିବା ଲକ୍ଷ୍ୟ କରାଯାଉଛି।




# ନବୀନଙ୍କ ଅସୁସ୍ଥତା ଓ ନେତୃତ୍ୱ ସଂକଟ

ବିଜେଡ଼ି କର୍ମୀଙ୍କ ମନୋବଳ ଭାଙ୍ଗିଦେଇଛି ନବୀନଙ୍କ ଅସୁସ୍ଥତା। ନବୀନଯେ, ଆଉ ସାରା ରାଜ୍ୟ ବୁଲି ସଂଗଠନ କରିବା ଅବସ୍ଥାରେ ନାହାନ୍ତି, ଏକଥା ସବୁ କର୍ମୀ ଜାଣିସାରିଲେଣି। ନବୀନଙ୍କ ପରେ ଦଳ କେମିତି ଚାଲିବ? କିଏ ନେତୃତ୍ୱ ନେବେ? ତାହା ଏବେ କର୍ମୀଙ୍କୁ ବିଚଳିତ କରିଦେଇଛି। ବିଶେଷକରି ପାଣ୍ଡିଆନ୍ ନା ଅନ୍ୟ କିଏ ତାହାକୁ ନେଇ ଦ୍ୱନ୍ଦ୍ୱ ଲାଗିରହିଛି । ପାଣ୍ଡିଆନଙ୍କ ପତ୍ନୀ ସୁଜାତା କାର୍ତ୍ତିକେୟନଙ୍କ ନାମ ବି ଉଠୁଛି। ଯାହାକୁ ଅନେକ ଗ୍ରହଣ କରିପାରୁନାହାନ୍ତି। ସାମାଜିକ ଗଣମାଧ୍ୟମରେ ବି ପାଣ୍ଡିଆନ୍ ସପକ୍ଷ ଓ ବିପକ୍ଷ ଗୋଷ୍ଠୀ ମଧ୍ୟରେ ଲଢ଼େଇ ଦେଖିବାକୁ ମିଳୁଛି । ସେପଟେ ପ୍ରଣବ ପ୍ରକାଶ ଦାସ, ଅରୁଣ ସାହୁଙ୍କ ନେତୃତ୍ୱ ସପକ୍ଷରେ ବି ଥୋକେ ନେତା ବ୍ୟାଟିଂ ଆରମ୍ଭ କରିଦେଲେଣି । ନବୀନ କାହାକୁ ଦାୟିତ୍ୱ ଦେବେ ଏଯାବତ୍ ସ୍ଥିର କରିପାରୁନାହାନ୍ତି। ଫଳରେ ନବୀନଙ୍କ ପରେ ଦଳ ଏକ ହୋଇ ରହିବ ନା ଯିଏ ଯାହା ବାଟରେ ଚାଲିଯିବେ ତାହାକୁ ନେଇ ବି କର୍ମୀମାନେ ବି ଶଙ୍କାରେ ପଡ଼ିଛନ୍ତି। ଜାତୀୟ ଦଳ ଭାବେ ଜନତା ଦଳ ସେତେବେଳେ କଂଗ୍ରେସକୁ ଟକ୍କର ଦେଉଥିଲା । କିନ୍ତୁ ପରେ ନେତୃତ୍ୱ ସଂକଟ କାରଣରୁ ତାହାର ଅସ୍ତିତ୍ୱ ହରାଇଦେଇଛି। ଜୟଲଳିତାଙ୍କ ପରେ ଯେମିତି ଏଆଇଡିଏମକେ ଏବେ ଗୋଷ୍ଠୀକନ୍ଦଳରେ ଘାଣ୍ଟିହେଉଛି ଠିକ୍ ସେମିତି ବିଜେଡ଼ିର ଅବସ୍ଥା ହୋଇପାରେ ବୋଲି ନେତାମାନେ ଅନୁମାନ କରୁଛନ୍ତି । ନବୀନ ଯଦି ବେଳ ଥାଉ ଥାଉ ବନ୍ଧ ବାନ୍ଧନ୍ତେ ହୁଏତ କର୍ମୀ ମନରେ ଯୋଶ୍ ଭରିପାରନ୍ତା।



## କେମିତି ଅଛନ୍ତି ନବୀନଙ୍କ ଫ୍ୟାନ୍ ?

ଶଙ୍ଖ ଭବନ ଚକମକ କରୁଛି। ସାମ୍ନାରେ ବଡ଼ ଶଙ୍ଖଟିଏ ବି ଝଲସୁଛି। ହେଲେ ଆଗଭଳି ଏତେବଡ଼ ଅଫିସଟା ପୁରଷ୍ଟିଆ ପୁରଷ୍ଟିଆ ଲାଗୁନି। ଅନେକ ଅଭାବ ବୋଧ ଭିତରେ ଖାଁ ଖାଁ ଲାଗୁଛି। ୧୯୯୭ରୁ ଦଳ ଅପରାଜେୟ ଥିଲା। ନବୀନ ବାବୁ ହାତ ହଲେଇଦେଲେ ଭୋଟ ଗଦା ହୋଇଯାଉଥିଲା। ପଞ୍ଚାୟତରୁ ନେଇ ଲୋକସେବା ଭବନ ପର୍ଯ୍ୟନ୍ତ ସବୁଠି ଚାଲିଥିଲା। ବିଜେଡ଼ିର ରାଜ୍। ବିଜେଡ଼ି କର୍ମୀଙ୍କ ଛାତି ୫୬ ଇଞ୍ଚ ହୋଇଯାଉଥିଲା। ମଧୁମେହରେ ଆକ୍ରାନ୍ତ ହେଲେ ଯେମିତି ଓଜନ କମିଯାଏ, ଶରୀର ମଳିନ ପଡ଼ିଯାଏ ଠିକ୍ ସେମିତି ଚବିଶ ପରେ ବିଜେଡ଼ି କର୍ମୀଙ୍କ ଅବସ୍ଥା ହୋଇଯାଇଛି। ତଥାପିବି ଅନେକ କର୍ମୀ ଆଶା ହରାଇନଥିଲେ। ରାଜନୀତିରେ ହାରଜିତ୍ ରହିଛି। ପୁଣି କମ୍‌ବ୍ୟାକର ସୁଯୋଗ ଆଶାରେ ଅନେକ ନିଜ ନିଜ ଅଞ୍ଚଳରେ ବେଶ୍ ଯୋଶରେ ବି କାମ କରୁଥିଲେ। ହେଲେ ଦଳର ଉପରସ୍ତରରେ ଚାଲିଥିବା ବାଦିପାଲା, ଶୀତଳଯୁଦ୍ଧ ସେମାନଙ୍କ ମନର ଆଶାରେ ପାଣି ପୂରାଇଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ।

ODIA WEEKLY GARVIT ODIA

# ବିଜେପି ପ୍ରେମରେ ଉବୁଟୁବୁ

ଏବେ ରାଜ୍ୟରେ ବିଜେପି ସରକାର। ମୁଖ୍ୟ ବିରୋଧୀ ଦଳ ହେଉଛି ବିଜେଡ଼ି। ଅତଏବ ବିଜେଡ଼ି ଓ ବିଜେପି ମଧ୍ୟରେ ଅହି ନକୁଳ ସମ୍ପର୍କ ରହିବା କଥା। କିନ୍ତୁ ରାଜ୍ୟରେ ବିଜେଡ଼ି-ବିଜେପି ଲଢ଼ାଲଢ଼ି, ହେଲେ ଦିଲ୍ଲୀରେ କୋଳାକୋଳି। ବିଜେଡ଼ି କର୍ମୀମାନେ ପରସ୍ପରକୁ ପଚାରୁଛନ୍ତି, 'ଇସ୍ ରିସ୍ତେ କୋ କ୍ୟା ନାମ ଦେ'। ନବୀନଙ୍କ ଫର୍ମୁଲା ବି ଅଜବ। ରାଜ୍ୟରେ ମୋହନଙ୍କୁ ବିରୋଧ ହେଲେ ଦିଲ୍ଲୀରେ ମୋଦିଙ୍କୁ ସମର୍ଥନ। ମୋହନ ହୁଅନ୍ତୁ କି ମୋଦି, ଚିହ୍ନ କିନ୍ତୁ ସେଇ ପଦ୍ମଫୁଲ, ଦଳ ବି ସେଇ ବିଜେପି । ନବୀନ ବାବୁଯେ ବୋକା, ସେକଥା ନୁହେଁ, ବରଂ ପାଣ୍ଡିଆନଙ୍କର ଯେତେବେଳେ ପଦ୍ମଫୁଲରେ ଲାଭ ଆଉ ଲୋଭ ନବୀନ ବାବୁଙ୍କର ଆଉ ଚାରା କ'ଣଯେ ? ବିଜେଡ଼ି ଅଳିନ୍ଦରେ ବି ଏମିତି ହିଁ ଚର୍ଚ୍ଚା ହେଉଛି ।

## କିଏ ଧରିବେ ପାଟକୁରା ବିଜେଡ଼ି ମଙ୍ଗ ?

# ଅତନୁ ନା ଅମରେଶ

ପାଟକୁରା ବିଜେଡ଼ି ରାଜନୀତି ଏବେ ସାରା ରାଜ୍ୟରେ ଚର୍ଚ୍ଚା ସୃଷ୍ଟି କରିଛି। ବିଜୟ ମହାପାତ୍ରଙ୍କ ପୁଅ ତଥା ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ନିଲମ୍ବନ କରି ସାରିଛନ୍ତି। ଏହାକୁ ନେଇ ବେଶ୍ କିଛିଦିନ ବାଦି ପାଲା ଚାଲିଥିଲା। ସେପଟେ ଖୁବ୍‌ଶୀଘ୍ର ପାଟକୁରାକୁ ନେତା ପଠାଇବେ ବୋଲି କର୍ମୀମାନଙ୍କୁ ନବୀନ କହିଥିଲେ । ହେଲେ ଏଯାବତ୍ ନବୀନ ସ୍ଥିର କରିପାରୁନାହାନ୍ତି, ଆଗାମୀ ଦିନରେ କିଏ ଧରିବେ ପାଟକୁରା ବିଜେଡ଼ି ମଙ୍ଗ ?






ଏସବୁ ଭିତରେ ଦୁଇ ଜଣଙ୍କ ନାମକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଜଣେ ହେଉଛନ୍ତି ଅତନୁ ସବ୍ୟସାଚୀ ନାୟକ ଓ ଅନ୍ୟ ଜଣେ ହେଉଛନ୍ତି ବିଜୁ ଯୁବ ଜନତା ଦଳର ପୂର୍ବତନ ସଭାପତି ଅମରେଶ ପତ୍ରୀ। ଅରବିନ୍ଦଙ୍କୁ ନିଲମ୍ବନ କରିବା ଦିନ କାରଣ ଦର୍ଶାଇବାକୁ ଯାଇ ଅତନୁ ତାଙ୍କୁ ବିଶ୍ୱାସଘାତକ ଓ ଦୁର୍ନୀତିଗ୍ରସ୍ତ ବୋଲି କହିବାରୁ ପାଟକୁରାରେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏମିତିକି ଏହି ପ୍ରକରଣରେ ଅତନୁ ହିଁ ଭିଲିୟାନ୍ ବୋଲି ସାମାଜିକ ଗଣମାଧ୍ୟମ ଓ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି । ପରେ ପରେ ତାଙ୍କୁ ହିଁ ନବୀନ ବାବୁ ପୁଣି ପାଟକୁରାର ମଙ୍ଗ ଧରାଇବେ ବୋଲି ଚର୍ଚ୍ଚା ହୋଇଥିଲା। ହେଲେ ପାଟକୁରାରେ ଅତନୁଙ୍କ ବିରୋଧରେ ଏବେ ହାଲାବୋଲ ଚାଲିଛି । ଅପରପକ୍ଷରେ ମହାକାଳପଡ଼ାରେ ମାଟି କାମୁଡ଼ିବା ପରେ ଅତନୁ ସେଠାରୁ ବିଜୟର ସମ୍ଭାବନା ବାରି ପାରୁନାହାନ୍ତି । ଫଳରେ ଅତନୁ ଏବେ ରାଜନୀତିକ ଦ୍ୱନ୍ଦ୍ୱରେ ରହିଛନ୍ତି ବୋଲି କହିଲେ ଭୁଲ୍ ହେବନାହିଁ । ଏମିତିବି ଅତନୁ ବାବୁ କେନ୍ଦ୍ରାପଡ଼ା ନେତାଙ୍କ ଚେର କାଟିବାରେ ସିଦ୍ଧହସ୍ତ। ଏକଦା ସେ କେନ୍ଦ୍ରାପଡ଼ାରେ ଏକୁଟିଆ ରାଜ୍ କରିବେ ବୋଲି ପ୍ୟାରୀମୋହନଙ୍କ ଅମଳରେ କୂଟନୀତିକ ଜାଲ ବିଛାଇଥିଲେ ବୋଲି ବିଜେଡ଼ି ଅଳିନ୍ଦରେ ଚର୍ଚ୍ଚା ହୁଏ ।

ଅତନୁ ପାଟକୁରା ମଙ୍ଗ ଧରିବାକୁ ସବୁବେଳେ ଚେଷ୍ଟା କରି ଆସୁଥିଲେ । ୨୦୦୦ରେ ପରାସ୍ତ ପରେ ୨୦୦୪ରେ ସେ ଥରେ ମାତ୍ର ପାଟକୁରା ବିଧାୟକ ହୋଇଥିଲେ। ୨୦୦୯ରେ ସୀମା ପୁନଃ ନିର୍ଦ୍ଧାରଣ ପରେ ଅତନୁ ମହାକାଳପଡ଼ା ପଳାଇଲେ। ତଥାପିବି ମହାକାଳପଡ଼ା ସହ ପାଟକୁରାକୁ ହାତ ମୁଠାରେ ରଖିବାକୁ ତାଙ୍କର ଷୋଳ ଅଣା ଇଚ୍ଛା ଥିଲା। ବେଦ ପ୍ରକାଶ ଅଗ୍ରୱାଲ ଜଣେ ଧୂରୀଣ ରାଜନୀତିଜ୍ଞ ଥିବାରୁ ଅତନୁ ନିଜ ଚାଲରେ ସଫଳ ହୋଇପାରିନଥିଲେ। ବେଦୁବାବୁଙ୍କ ପରଲୋକ ପରେ ଅତନୁ ଦୁଇଟି ଯାକ ନିର୍ବାଚନମଣ୍ଡଳୀ ଉପରେ ଆଖି ପକାଇଥିଲେ। ମହାକାଳପଡ଼ାରେ ସେ ନିଜେ ଓ ପାଟକୁରାରୁ ତାଙ୍କ ଭାଇଙ୍କୁ ପ୍ରାର୍ଥୀ କରିବାକୁ ପାଣ୍ଡିଆନଙ୍କ ଜରିଆରେ ଯୋଜନା କରିଥିଲେ । କିନ୍ତୁ ହଠାତ୍ ନବୀନ ବାବୁ ଚିରଶତ୍ରୁ ବିଜୟବାବୁଙ୍କ ପୁଅଙ୍କୁ ଟିକେଟ ଦେବାରୁ ଅତନୁଙ୍କ ରଣନୀତି କାମ କରିନଥିଲା। ଏବେ ସେ ପାଟକୁରାକୁ ଆଖିରେ ରଖି ଗୋଟି ଚଳାଉଥିବାବେଳେ ହଠାତ୍ ଅମରେଶ ପତ୍ରୀଙ୍କ ଚର୍ଚ୍ଚା ତାଙ୍କର ରକ୍ତଚାପ ବଢ଼ାଇ ଦେଇଛି।

ଅରବିନ୍ଦଙ୍କ ବିରୋଧରେ କହି ଅତନୁ ବ୍ୟାକଫୁଟକୁ ଚାଲିଯିବାରୁ ଦଳ ପକ୍ଷରୁ ଅମରେଶଙ୍କୁ ଡକା ଯାଇଥିଲା। ପାଟକୁରାରେ ଅରବିନ୍ଦ କେମିତି ପୁରୁଣା କର୍ମୀଙ୍କୁ ପଚାରୁନଥିଲେ, କିଭଳି ବିଜୟ ସେନା ଜରିଆରେ ସଂଗଠନ କରୁଥିଲେ ସେକଥା ବଖାଣିଥିଲେ । ଅମରେଶ ଭଲ ସଂଗଠକ ହୋଇଥିଲେବି ବେଦୁବାବୁ ଓ ଅତନୁ ବାବୁଙ୍କ ପ୍ରଭାବରେ ଆଗକୁ ଯାଇପାରୁନଥିଲେ । ଯେହେତୁ ଅତନୁ ମହାକାଳପଡ଼ା ନେତା, ତେଣୁ ପାଟକୁରା ଦାୟିତ୍ୱ ଅମରେଶଙ୍କୁ ଦିଆଯାଉ ବୋଲି ସ୍ଥାନୀୟ ବିଜେଡ଼ି ନେତା ଓ କର୍ମୀମାନେ ଦାବି କରୁଥିବା ଜାଣିବାକୁ ମିଳିଛି । ନବୀନଙ୍କ ପାଖରେ ପାଟକୁରା ପାଇଁ ଦୁଇଟି ନାମ, ଜଣେ ଅତନୁ ଓ ଅନ୍ୟ ଜଣେ ଅମରେଶ । ଏ ଦୁଇ ଜଣଙ୍କ ମଧ୍ୟରୁ ନବୀନ କାହାକୁ ଦାୟିତ୍ୱ ଦେବେ ନା ସରପ୍ରାଇଜ୍ ଦେବେ, ତାହାର ଉତ୍ତର ସମୟ ହିଁ ଦେଇପାରିବ ।



# ବିଭୂତିଙ୍କ ବୈରାଗ୍ୟ

୧୯୯୭ରେ ସରପଞ୍ଚ ହୋଇଥିଲେ ବିଭୂତି ଭୂଷଣ ଜେନା। ୨୦୦୩ରେ ଜିଲ୍ଲା ପରିଷଦ ଜିତିଥିଲେ। ୨୦୧୪ ଓ ୨୦୧୯ରେ ଗୋପାଳପୁରରୁ ବିଧାନସଭା ନିର୍ବାଚନ ଲଢ଼ି ହାରି ଯାଇଥିଲେ। ୧୯୯୭ରୁ ୨୭ ବର୍ଷ ଧରି ଅହରହ ପରିଶ୍ରମ ଓ କଷ୍ଟ ପରେ ୨୦୨୪ରେ ବିଧାନସଭାକୁ ଆସିଛନ୍ତି ବିଭୂତି ଜେନା। ପ୍ରଥମ ଥର ବିଧାୟକ ହୋଇଥିଲେବି ଖଣି ଓ ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ହେବାର ସୁଯୋଗ ପାଇଛନ୍ତି। ବୟସ ବି ବେଶୀ ନୁହଁ । ବର୍ଷକ ପରେ ସେ ତିନି କୋଡ଼ି ଛୁଇଁବେ। ମାନେ ରାଜନୀତି ପାଇଁ ଆହୁରି ଗୋଟେ କୋଡ଼ି ସମୟ ରହିଛି। ହେଲେ ହଠାତ୍ ବିଭୂତିଙ୍କ ବୈରାଗ୍ୟ ଗଞ୍ଜାମରୁ ନେଇ ରାଜଧାନୀ ଯାଏଁ ହଟଚମଟ ସୃଷ୍ଟି କରିଦେଇଛି। ଟିଭି ଓ ଖବରକାଗଜରେ ଜୋରଦାର ଚର୍ଚ୍ଚା ବି ହେଉଛି। ଗୋପାଳପୁରର ବିଭୂତି ସମର୍ଥକମାନେ ବି ଚକିତ ହୋଇଯାଇଛନ୍ତି। ସମସ୍ତଙ୍କ ମନରେ ସତରେ କ'ଣ ବିଭୂତି ଆଉ ନିର୍ବାଚନ ଲଢ଼ିବେନି ?

ବାସ୍ତବରେ ଆଜ୍ଞା କଥାଟା ସେଇଆ ନୁହେଁ । ଏମିତିବି ନେତାଙ୍କ ଖାଇବା ଦାନ୍ତ ଆଉ ଦେଖାଇବା ଦାନ୍ତ ଅଲଗା ବୋଲି ସମସ୍ତେ ଜାଣନ୍ତି। ବିଭୂତିଙ୍କ କହିବା କଥା ଆଉ ନିର୍ବାଚନ ଲଢ଼ିବାକୁ ଇଚ୍ଛା ନାହିଁ । ମାନେ ଆଗରୁ ଯେମିତି ଟିକେଟ ପାଇଁ ଲୋଭ ଥିଲା ଆଉ ସେମିତିକା ଲୋଭ ନାହିଁ । ଯୁବକମାନେ ଆଗକୁ ଆସିବାକୁ ନୀତିନ ନବୀନ ଆହ୍ୱାନ ଦେଇଥିବାରୁ ସେଥିରୁ ସେ ପ୍ରେରଣା ପାଇଛନ୍ତି । ଯୁବକମାନଙ୍କୁ ଆଗକୁ ଆସିବାକୁ ସୁଯୋଗ ଦେବେ । ହେଲେ ସେ ରାଜନୀତିରେ ରହିବେ ବୋଲି କହିଛନ୍ତି । ତା'ରମାନେ ହେଉଛି ବିଭୂତି ରାଜନୀତି ଛାଡ଼ିବେନି କି ଲଢ଼ିବା ବି ଛାଡ଼ିବେନି । ଖାଲି ତୁଚ୍ଛାକୁ ଗଣମାଧ୍ୟମରେ ଏମିତି ହଟଚମଟ ସୃଷ୍ଟିହୋଇଛି । ତାଙ୍କ ସମର୍ଥକ କହୁଛନ୍ତି, ମିଡ଼ିଆରେ ସେ କହୁକହୁ କହିଦେଇଛନ୍ତି, ସେ ପରା ଲଢୁଆ ନେତା ? ସେ କାହୁଁ ପଛଘୁଞ୍ଚା ଦେବେ? ଅବଶ୍ୟ ବିଭୂତିଙ୍କ ବୈରାଗ୍ୟ ଚର୍ଚ୍ଚା ପରେ ପ୍ରଦୀପ ଭାଇନାଙ୍କ ସମର୍ଥକମାନେ ଭାରି ଖୁସି ହୋଇଯାଇଥିଲେ । ହେଲେ ଆଜ୍ଞା ବିଭୂତିଙ୍କ ଲେଖା ଛିଣ୍ଡିବାର ଚାନ୍ସ ହିଁ ନାହିଁ । ତେଣୁ ଭାଇନାଙ୍କ ସମର୍ଥକମାନେ ଆଉ ବେଶୀ ଖୁସି ହୁଅନ୍ତୁନି । କାହିଁକିନା ୨୦୨୯ରେ ପୁଣି ଗୋପାଳପୁରରେ ବିଭୂତି ହିଁ ଲଢ଼ିବା ଥୟ ।

# ମମତାଙ୍କ 'ସୁପ୍ରିମ୍' ଲଢ଼େଇ




୨୦୨୬ ଫେବୃଆରୀ ୪, ରାଜନୀତିକ ଇତିହାସରେ ଫର୍ଦ୍ଦେ ନହେଲେବି ଗୋଟିଏ ପାରା ଲିପିବଦ୍ଧ ହୋଇ ରହିଗଲା। ଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ସୁପ୍ରିମକୋର୍ଟରେ ନିଜ ପକ୍ଷ ରଖିଲେ ମମତା ବାନାର୍ଜୀ । ସାରା ଦେଶର ନିଘା ସୁପ୍ରିମକୋର୍ଟଙ୍କ ଉପରେ ହିଁ ରହିଥିଲା । ଦେଶ ବି ଦେଖିଥିଲା ଜଣେ ଜିଦ୍ଖିଆ ନେତ୍ରୀଙ୍କୁ, ନିଜ ଲୋକଙ୍କ ପାଇଁ ଲଢ଼େଇର ମାନସିକତା ରଖିଥିବା ଜଣେ ସଚ୍ଚା ଷ୍ଟ୍ରିଟ୍ ଫାଇଟରଙ୍କୁ । ଖାଲି ସେଦିନ ନୁହେଁ, ୧୯୮୦ ଦଶକ ହେଉ ଅବା ୧୯୯୦ ଦଶକ, ସେତେବେଳେ ବି ନିଜ କର୍ମୀ ଓ ସହଯୋଗୀଙ୍କ ପାଇଁ ସେ କୋର୍ଟରେ ଲଢ଼େଇ କରିଥିଲେ ।

ସୁପ୍ରିମକୋର୍ଟର ମୁଖ୍ୟ ନ୍ୟାୟାଧିଶ ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଆଗରେ ମମତା ଯୁକ୍ତି ଉପସ୍ଥାପନା କରିଥିଲେ । ସିଜେଆଇଙ୍କ ପ୍ରତି ପ୍ରଶ୍ନର ଜବାବ ବି ଦେଇଥିଲେ। ନିର୍ବାଚନ କମିଶନଙ୍କୁ କହିଥିଲେ, ହ୍ୱାଟସଆପ୍ କମିଶନ। ଦୁଆର ବନ୍ଧରେ କିଭଳି ନ୍ୟାୟ କାନ୍ଦୁଛି, ସେ କଥା ବଖାଣିବା ସହ ଏସଆଇଆର ନେଇ ଯୁକ୍ତିନିଷ୍ଠ ତଥ୍ୟ ବି ରଖିଥିଲେ । ସୁପ୍ରିମକୋର୍ଟ କି ରାୟ ଦେବେ ତାହା ତ ଅଲଗା କଥା, ହେଲେ ଇତିହାସରେ ମମତାଙ୍କ ସାହସ ସବୁବେଳେ ମନେରହିବ ।

## **୧୯୮୦ ଦଶକ**ରେ ବାଲୁରଘାଟ କୋର୍ଟରେ ଯୁବ କଂଗ୍ରେସ ସାଥିଙ୍କ ପାଇଁ ଲଢ଼ିଥିଲେ

୧୯୮୨ ମସିହାର କଥା। ଯୋଗେଶ ଚନ୍ଦ୍ର ଲ' କଲେଜରୁ ଡିଗ୍ରୀ ହାସଲ କଲେ ମମତା ବାନାର୍ଜୀ। ସେତେବେଳକୁ ଛାତ୍ର ରାଜନୀତିରେ ସେ ବେଶ୍ ସକ୍ରିୟ। ଛାତ୍ର କଂଗ୍ରେସର ସେ ଫାୟାର ବ୍ରାଣ୍ଡ ନେତ୍ରୀ ବି ବନି ଯାଇଥା'ନ୍ତି । ୧୯୮୩ରେ ସେ ଯୁବ କଂଗ୍ରେସର ନେତୃତ୍ୱ ନେବା ଆରମ୍ଭ କଲେ। ଏହାର ବର୍ଷକ ପରେ ଜଣେ ସ୍କୁଲ ହେଡ଼ମାଷ୍ଟରଙ୍କ ହତ୍ୟାକାଣ୍ଡକୁ ନେଇ ମମତାଙ୍କ ନେତୃତ୍ୱରେ ଯୁବ କଂଗ୍ରେସ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରିଥିଲା। ତେବେ ପଶ୍ଚିମବଙ୍ଗ ସରକାର ଯୁବ କଂଗ୍ରେସର ଅନେକ ନେତାଙ୍କୁ ଜେଲ୍‌ରେ ଭର୍ତ୍ତି କରିଦେଇଥିଲେ। ସେତେବେଳେ ମମତା ଦକ୍ଷିଣ ଦିନାଜପୁର ଜିଲ୍ଲାର ବାଲୁରଘାଟ କୋର୍ଟରେ ନିଜ ସହଯୋଗୀଙ୍କ ପାଇଁ ମାମଲା ଲଢ଼ିଥିଲେ। ସମସ୍ତଙ୍କୁ ଜାମିନ୍‌ରେ ଆଣିବାରେ ସେ ସମର୍ଥ ହୋଇଥିଲେ।

## **୧୯୯୦ ଦଶକ**ରେ କୋଲକାତାର ବାଙ୍କାସାଲ୍ କୋର୍ଟରେ କଂଗ୍ରେସ ନେତାଙ୍କ ପାଇଁ ଲଢ଼ିଥିଲେ

୧୯୯୩ ମସିହାର କଥା। କୋଲକାତାର ରାଇଟର ବିଲ୍ଡିଂ ଆଗରେ ମମତାଙ୍କ ନେତୃତ୍ୱରେ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭୋଟର ଆଇଡ଼ିରେ ଫଟୋ ରଖିବାକୁ ସେ ଦାବି କରିଥିଲେ। ପୁଲିସ୍ ସହ ଯୁବ କଂଗ୍ରେସ ନେତା ମୁହାଁମୁହିଁ ହୋଇଥିଲେ। ଘଟଣାରେ ୧୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୪୦ ଯୁବ କଂଗ୍ରେସ ନେତା ଗିରଫ ହୋଇଥିଲେ। ଏବେବି ଜୁଲାଇ ୨୧କୁ ଟିଏମସି ସହିଦ ଦିବସ ଭାବେ ପାଳନ କରୁଛି । କୋଲକାତା ଘଟଣାରେ ମମତା ବ୍ୟାଙ୍କସାଲ୍ କୋର୍ଟରେ ଲଢ଼େଇ କରିଥିଲେ ।


ଅନ୍ୟ ଏକ ଘଟଣାରେ ମମତା ଆଲିପୁର କୋର୍ଟରେ ବି ଲଢ଼େଇ କରିଥିଲେ। ରିଜେଣ୍ଟ ପାର୍କ ପୁଲିସ ଥାନା ଭଙ୍ଗାରୁଜା ଘଟଣାରେ ସହଯୋଗୀ ପଙ୍କଜ ବାନାର୍ଜୀ ଗିରଫ ହୋଇଥିଲେ। କୋର୍ଟରେ ଲଢ଼େଇ କରି ସେ ତାଙ୍କୁ ଜାମିନ୍‌ରେ ଆଣିଥିଲେ। ୧୯୯୭ରେ ମମତା ହୁଗୁଳିର ଚିନସୁରାହ କୋର୍ଟରେ ପୁଲିସ୍ ଗୁଳିରେ ମୃତ ହଳଧର ମଣ୍ଡଳଙ୍କ ପରିବାର ପାଇଁ ଲଢ଼େଇ କରିଥିଲେ।

ଗର୍ବିତ ଓଡ଼ିଆ
ODIA WEEKLY • GARVIT ODIA





# ଚାଷୀ ମଣ୍ଡିରେ ପିଟୁଛି ମୁଣ୍ଡ



**ଖରାରେ, ବର୍ଷାରେ, ଶୀତରେ ସେ ପଡ଼ିଥାଏ ବିଲରେ। କେତେବେଳେ ପାଣି ସମସ୍ୟା ତ କେବେ ସାର ସମସ୍ୟା, କେବେ ବିହନ ସମସ୍ୟା ତ କେବେ ଦଇବର ଦାଉ। ସବୁକୁ ସାମ୍ନା କରି ସେ ଫସଲ କରେ। ସରକାର ବି ଚିତ୍କାର କରି କୁହନ୍ତି ଆମେ ଚାଷୀଙ୍କ ସରକାର। କିନ୍ତୁ ଯେଉଁ ସମୟରେ ଫସଲ ଅମଳ କରି ଚାଷୀ ବିକ୍ରି କରିବାକୁ ଯାଏ, ସେତେବେଳେ ନାକୁଆଣି ହୋଇଯାଏ। କେବେ ଟୋକନ ସମସ୍ୟା ତ, କେବେ ଏଫଏକ୍ୟୁର ଯାତନା, କେବେ ଦିନ ଦିନ ଧରି ମଣ୍ଡିରେ ଶୋଇ ରହିବାକୁ ପଡ଼େ ତ କେବେ ଧାନ କିଣାକୁ ନେଇ ସମବାୟ ସମିତିରୁ ନେଇ ମିଲରଙ୍କ ପର୍ଯ୍ୟନ୍ତ ନାନାଦି ପେଖନାର ବି ସାମ୍ନା କରିବାକୁ ପଡ଼େ। ସରକାର ପରେ ସରକାର ବଦଳୁଛି। ହେଲେ ଦଶନ୍ଧି ଦଶନ୍ଧି ଧରି ଧାନ ମଣ୍ଡିର ସମସ୍ୟା କିନ୍ତୁ ଯଥା ପୂର୍ବଂ ତଥା ପରଂ ଭଳି କହିଲେ ଭୁଲ୍ ହେବନାହିଁ।**

## ନୌଟଙ୍କି କରନି



ଚାଷୀଙ୍କ ସମସ୍ୟାର ସମାଧାନ ଓ ସ୍ୱାର୍ଥ ରକ୍ଷା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। କିଛି ଲୋକ ସରକାରଙ୍କୁ ଧମକାଇବାକୁ ଚେଷ୍ଟା କରୁଛନ୍ତି। ଯେଉଁମାନେ ଲୋକଙ୍କୁ ଉସକାଉଛନ୍ତି ସେମାନେ ସତର୍କ ହୋଇରହିବା ଦରକାର। ଆମ ସରକାର କାହାର ଧମକକୁ ଡରିଯିବ ନାହିଁ। ନୌଟଙ୍କି କରିବାର ଅଛି ଯଦି, ମହାରାଜାଙ୍କ ଦରବାରରେ କରନ୍ତୁ। ରୋଡ୍ ରାସ୍ତାରେ ନୌଟଙ୍କି କରିବା ଉଚିତ୍ ନୁହେଁ।

**କନକବର୍ଦ୍ଧନ ସିଂହଦେଓ, କୃଷି ମନ୍ତ୍ରୀ**

## ଆନ୍ଦୋଳନ କରୁଛନ୍ତି ନକଲି ଚାଷୀ



ଧାନକିଣା ସ୍ୱାଭାବିକ ଓ ଠିକ୍‌ଠାକ୍ ଚାଲିଛି। ଚାଷୀ ଆନ୍ଦୋଳନ କରୁନାହାନ୍ତି। ଦେଢ଼ଶହ କୁଇଣ୍ଟାଲ ସିଲିଂ ଯୋଗୁଁ ବଡ଼ଚାଷୀ ଟିକେ ବିରୋଧ କରୁଛନ୍ତି। ୮ ଶହ ଟଙ୍କା ଇନପୁଟ୍ ସବସିଡ଼ି ପାଇଲେ ଲକ୍ଷେ କୋଡ଼ିଏ ହଜାର ପାଇଲେଣି। ଆଉ କେତେ ପାଇଥା'ନ୍ତେ? ପୂର୍ବରୁ ସେମାନେ ଅଧିକ ଧାନ ବିକ୍ରି କରିପାରୁଥିଲେ। ଏବେ ସେମାନେ ବଜାର ଦରରେ ବିକୁଥିବାରୁ କ୍ଷତି ସହୁଛନ୍ତି। ମିଲରଙ୍କ ପାଖରେ ଜାଗା ନାହିଁ। ସେମାନେ ମନ୍ଥର କରି ଧାନ ଉଠାଉଛନ୍ତି। ଯେତେ ହାଲା କରୁଛନ୍ତି, ସେହି ଅନୁସାରେ ହେଉନାହିଁ। ଟୋକନ ଏକ୍ସଟେନସନ ହୋଇଛି। ଏବର୍ଷ ଭଲ ଧାନ ଅମଳ ହୋଇଛି, ସବୁ ଧାନ ସରକାର ନେବା ସମ୍ଭବ ନୁହେଁ। ନକଲି ଚାଷୀ ଓ ବଡ଼ଚାଷୀ ଆନ୍ଦୋଳନ କରୁଛନ୍ତି, ମିଛ ଅଭିଯୋଗ କରୁଛନ୍ତି।

**ପ୍ରଦୀପ ବଳସାମନ୍ତ, ସମବାୟ ମନ୍ତ୍ରୀ**


## କଟନୀଛଟନୀ କଲେ ବେପାର ବନ୍ଦ କରିଦେବୁ



ବିରୋଧୀ ରାଜନୀତି କରୁଛନ୍ତି। ନୂଆପଡ଼ାରେ ହାରିବା ପରେ ମନ୍ଥନ କରିବା ଦରକାର, କାହିଁକି ହାରିଲେ। କୃଷକମାନେ ବିଜେପିକୁ ଭୋଟ୍ ଦେଇଛନ୍ତି। ଏହା କାହାକୁ ଅଛପା ନାହିଁ। ବହୁ ଚାଷୀ ଚାଷ କରିଛନ୍ତି। କେଉଁ ଚାଷୀଙ୍କ ଟୋକନ ଲାପ୍ସ ହେବନାହିଁ। କୃଷକମାନେ ଆଦୌ ହଇରାଣ ହେବେନାହିଁ। କଟ୍‌ନୀଛଟ୍‌ନୀ କଲେ ମିଲରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**କୃଷ୍ଣଚନ୍ଦ୍ର ପାତ୍ର, ଯୋଗାଣ ମନ୍ତ୍ରୀ**


## ଚାଷୀ ତାତିଲେ ଥଳକୂଳ ରହିବନି



ସରକାର ଚାହୁଁଛନ୍ତି ଚାଷୀକୂଳ ବୁଡ଼ିଯାଆନ୍ତୁ। କହନ୍ତି ଯେଡ଼େ, ନୁହଁନ୍ତି ସେଡ଼େ। ମିଲରଙ୍କ ସହ ଏମାନେ ସଲାକୁସ୍ତି କରିଛନ୍ତି। ନିଜେ ବଞ୍ଚିବା ପାଇଁ ମିଲରଙ୍କୁ ଲଗାଇ ମିଛିମିଛିକା ଆନ୍ଦୋଳନ କରିଥିଲେ। ସରକାରଙ୍କ ଆଖିରେ ପରଳ ପଡ଼ିଗଲାଣି। କ୍ଷମତା ନିଶାରେ ଚୁର ହୋଇଗଲେଣି। ଚାଷୀଙ୍କୁ ନିର୍ଯ୍ୟାତନା ଦିଅନ୍ତୁନି ସରକାର। ଚାଷୀ ତାତିଲେ ସରକାରଙ୍କ ଥଳକୂଳ ରହିବନି। ଏ ସରକାର ଅଧା ଗଢ଼ା। ୬ ମନ୍ତ୍ରୀ ପଦ ଖାଲି, ୯୭ ନିଗମ, ଏକାଡ଼େମୀ ପଦବୀ ସବୁ ଖାଲି। ଏମାନେ ଖାଲି କଥା କହନ୍ତି, କାମ କରିପାରନ୍ତିନି। ଯଦି ନକଲି ଚାଷୀଙ୍କ କଥା ସରକାର କହୁଛନ୍ତି, ତେବେ ସେମାନଙ୍କ ତାଲିକା ପ୍ରକାଶ କରନ୍ତୁ।

**ଅରୁଣ ସାହୁ, ବିଧାୟକ ନୟାଗଡ଼**

## ହୋଟେଲରେ ମିଲର-ମନ୍ତ୍ରୀ ଡିଲ୍!



ମିଲରଙ୍କୁ ପ୍ରଥମେ ସରକାର ଧମକ ଦେଲେ। ଧାନକିଣାରେ ସାମିଲ୍ ହେବାକୁ ବାଧ୍ୟ କଲେ। କିନ୍ତୁ ମିଲର ସଂଘ ନିଜ ଜିଦ୍‌ରେ ଅଟଳ ରହିଲା। ଧାନ କିଣା ବନ୍ଦ ହୋଇଯିବାରୁ ଚାଷୀଙ୍କ ମନରେ ପ୍ରକାଶ ପାଇଥିଲା ତୀବ୍ର ଅସନ୍ତୋଷ। ଶେଷରେ ମିଲରଙ୍କ ସହ ହୋଟେଲରେ ବସିଲେ ସରକାର। ବିଜେପି ନେତା ଓ ମନ୍ତ୍ରୀଙ୍କ ସହ ହୋଟେଲରେ ମିଲରଙ୍କ ବୈଠକ ପଛର ଉଦ୍ଦେଶ୍ୟ ଥିଲା ଚାନ୍ଦା ଆଦାୟ। ଏଥିରେ ପ୍ରାୟ ୮ ଶହ କୋଟିର ଡିଲ୍ ହୋଇଛି। ଏମିତି ଅଭିଯୋଗ ବାଢ଼ିଛନ୍ତି ବରିଷ୍ଠ ସାମ୍ବାଦିକ ନବୀନ ଦାସ। ମିଲର ସଂଘ ଖଣ୍ଡନ କରିଥିଲେବି ମନ୍ତ୍ରୀଙ୍କ ସହ କାହିଁକି ହୋଟେଲରେ ବସିଥିଲେ ତା'ର କାରଣ କିନ୍ତୁ କହିନାହାନ୍ତି।

**ନବୀନ ଦାସ, ବରିଷ୍ଠ ସାମ୍ବାଦିକ**

## ଚାଷୀଙ୍କ ସହ ଖେଳୁଛନ୍ତି ସରକାର



ଆଜି ଓଡିଶାରେ ଚାଷୀମାନେ ହତାଶ। ଚାଷୀ ସମାଜ ବିହନ ଯୋଗାଣ, ସାର ଯୋଗାଣ ଏବଂ ଧାନ ସଂଗ୍ରହ କ୍ଷେତ୍ରରେ ଏପରି ଘୋର ଅନ୍ୟାୟର ସମ୍ମୁଖୀନ ହେଉଛନ୍ତି। ସମସ୍ତ ଚାଷୀଙ୍କ ଧାନ ଏମଏସପି ଏବଂ ଇନପୁଟ୍ ସବ୍‌ସିଡି ମିଶାଇ କୁଇଣ୍ଟାଲ ପ୍ରତି ୩୧୬୯ ଟଙ୍କାରେ କିଣିବା ଦରକାର। ଧାନ କ୍ରୟ ପରେ ସଠିକ୍ ସମୟ ମଧ୍ୟରେ ଚାଷୀଙ୍କୁ ଟଙ୍କା ପ୍ରଦାନ କରାଯାଉ। ଟୋକନ ଓ ମଣ୍ଡି ସମସ୍ୟା ନେଇ ଚାଷୀମାନଙ୍କୁ ଯେଉଁ ହଇରାଣ କରାଯାଉଛି, ତାହା ତୁରନ୍ତ ବନ୍ଦ ହେଉ। ବିନା କଟନୀ ଛଟନୀରେ ଧାନ କିଣା ହେବ ବୋଲି ପ୍ରତିଶ୍ରୁତି ଦେଇଥିଲା ବିଜେପି ସରକାର। ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ହେବାରୁ କ୍ଷୁଦ୍ର ଚାଷୀମାନେ ଅଭାବୀ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ରାଜ୍ୟରେ ମଣ୍ଡି ସମସ୍ୟା ଉତ୍କଟ ରୂପ ଧାରଣ କରିଥିବାବେଳେ ସରକାର ଚାଷୀଙ୍କ ସହ ଖେଳ ଖେଳୁଛନ୍ତି।

**ଲେନିନ୍ ମହାନ୍ତି, ବିଜେଡି ମୁଖପାତ୍ର**

## ୨ ହଜାର କୋଟିର କଟନୀଛଟନୀ



ସରକାର ଯେମିତି ବ୍ୟବହାର କରୁଛନ୍ତି, ସତେଯେମିତି ଚାଷୀଙ୍କର କିଛି ମୂଲ୍ୟ ନାହିଁ। କଟନୀଛଟନୀ ବାବଦରେ ଚାଷୀଙ୍କ ଠାରୁ ୨ ହଜାର କୋଟିର ଧାନ କଟାଯାଉଛି। ସେ ଟଙ୍କା ନେଉଛି କିଏ। କୁଇଣ୍ଟାଲ ପିଛା ୨୫୦ ଟଙ୍କା ଚାଷୀଙ୍କ ଠାରୁ ଲୁଟ୍ ହେଉଛି। ମିଲରଙ୍କ ଗୋଦାମରେ ଜାଗା ନଥିବାରୁ ଧାନ ଠିକ୍ ସମୟରେ କିଣାଯାଉନି। ଚାଷୀ ହନ୍ତସନ୍ତ ହେଉଛନ୍ତି। ବିଜେପି ସରକାରର ମାନସିକତା ଚାଷୀ ବିରୋଧୀ। ସରକାର କହିଲେ ୩୧ ଶହ ଟଙ୍କା ଦେବେ। କଟନୀଛଟନୀରେ ୨୫୦ ପଳାଇଲା। ଏବର୍ଷ କେନ୍ଦ୍ର ସରକାର ଏମଏସପି ୬୯ ଟଙ୍କା ବଢ଼ାଇଲେ। ହେଲେ ଚାଷୀଙ୍କୁ ମିଳିଲାନି। ସରକାର ୧୫୦ କୁଇଣ୍ଟାଲ ଧାନ ସିଲିଂ କରୁଛନ୍ତି। ଯାହାଫଳରେ ହଜାର ହଜାର ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଜାଣିଶୁଣି ଅଭାବୀ ବିକ୍ରି ଅବସ୍ଥା ସୃଷ୍ଟିହୋଇଛି।

**ଭକ୍ତ ଚରଣ ଦାସ, ପିସିସି ସଭାପତି**

## ଚାଷୀଙ୍କୁ ଲୁଟୁଛନ୍ତି ସରକାର



ସାରା ରାଜ୍ୟରେ ଅଭାବୀ ଧାନ ବିକ୍ରି। ମିଲରଙ୍କ ସହ ସରକାର ଡିଲ୍ କରିଛନ୍ତି। ଖଣି, କୋଇଲା, ଜଙ୍ଗଲ ଭଳି ଏବେ ମାଫିଆମାନେ ଧାନ ଖାଇ ଯାଉଛନ୍ତି। ସମବାୟ ସମ୍ପାଦକ, ନେତା, ପ୍ରଶାସକ ଏବେ ଚାଷୀଙ୍କୁ ଲୁଟ୍ କରୁଛନ୍ତି। ଚାଷୀମାନେ ଗାଁ ଗାଁରେ ଆନ୍ଦୋଳନ କରିବା ଦରକାର। ପ୍ରତି ଜିଲ୍ଲାରେ ଚାଳିଶରୁ ପଚାଶ କୋଟି ସ୍କାମ ହୋଇଛି। ଚାଷୀଙ୍କୁ ଦଲାଲ, ସମବାୟ ସମ୍ପାଦକ ଡରାଇ ଧମକାଇ କଟନୀ ଛଟନୀରେ ସହଯୋଗ କରିବାକୁ ବାଧ୍ୟ କରୁଛନ୍ତି।

**ଶେଷଦେବ ନନ୍ଦ,**
**ନବ ନିର୍ମାଣ କୃଷକ ସଂଗଠନ**







# ସୋଫିଆ, ଉପାସନା ଓ ବର୍ଷାଙ୍କ କ୍ରେଜ୍

ସମ୍ପ୍ରତି ସୋଫିଆ ଫିର୍ଦ୍ଦୋଷ, ଉପାସନା ମହାପାତ୍ର ଓ ବର୍ଷା ସିଂ ବରିହାଙ୍କୁ ନେଇ ସୋସିଆଲ ମିଡ଼ିଆରେ ଜୋରଦାର ଚର୍ଚ୍ଚା ହେଉଛି। ତିନି ନେତ୍ରୀ ତିନି ଦଳର ହୋଇଥିବାରୁ ସେମାନଙ୍କୁ ନେଇ ଜମାଣିଆ ସର୍ଭେ ବି କରାଯାଉଛି। ଏହି ତିନି ନେତ୍ରୀ ଭିନ୍ନ ଭିନ୍ନ ଦଳର ହୋଇଥିଲେବି ସେମାନଙ୍କ ଭିତରେ ଗୋଟିଏ ସାମଞ୍ଜସ୍ୟ ରହିଛି। ତାହାହେଉଛି, ବାପାଙ୍କ ରାଜନୀତିକୁ ସେମାନେ ନିଜ ନିଜ ଢଙ୍ଗରେ ଆଗକୁ ନେଇଛନ୍ତି।

ସୋଫିଆ ହେଉଛନ୍ତି ମହମ୍ମଦ ମୋକିମଙ୍କ ଝିଅ। କଂଗ୍ରେସର ଜଣେ ଟାଣୁଆ ନେତା ଭାବେ ମୋକିମଙ୍କର ଖ୍ୟାତି ରହିଛି। ଏବେ ରାଜନୀତିକୁ ଆସିବାକୁ ଚାହୁଁନଥିଲେବି ସୋଫିଆଙ୍କୁ ପରିସ୍ଥିତି ବାଧ୍ୟ କରିଥିଲା। ରାଜ୍ୟର ପ୍ରଥମ ମୁସଲିମ ବିଧାୟିକା ହେବାର ସୌଭାଗ୍ୟ ଅର୍ଜନ କରିଥିବା ସୋଫିଆ ବିଧାନସଭାରେ ସରକାରଙ୍କୁ କଡ଼ା ସମାଲୋଚନା କରି ଚର୍ଚ୍ଚାରେ ରହି ଆସିଛନ୍ତି। ବାପାଙ୍କ ଭଳି କଟକ ବାରବାଟୀର ଗଳି ଗଳିରେ ପହଁଚି ସେ ଲୋକଙ୍କ କଥା ବୁଝୁଛନ୍ତି। ସବୁଠାରୁ ବଡ଼ କଥାଟି ହେଉଛି ମୋକିମଙ୍କୁ କଂଗ୍ରେସ ନିଲମ୍ବିତ କରିଥିଲେବି ସୋଫିଆ ନିଧଡ଼କ ଭାବେ ନିଜର ରାଜନୀତି ଓ ସଂଗଠନକୁ ଆଗେଇ ନେଉଛନ୍ତି।

ଉପାସନା ମହାପାତ୍ର ହେଉଛନ୍ତି ଲୁଲୁ ମହାପାତ୍ରଙ୍କ ଝିଅ। ଏକଦା ଲୁଲୁ ଥିଲେ କଂଗ୍ରେସର ଟାଣୁଆ ନେତା। ସାରା ରାଜ୍ୟରେ ତାଙ୍କର ସଂଗଠନ ରହିଥିଲା। ଲୁଲୁଙ୍କ ଅବର୍ତ୍ତମାନରେ ତାଙ୍କ ପରିବାର ଏବେ ବିଜେପିରେ। ୨୦୧୯ ନିର୍ବାଚନ ବେଳକୁ ଉପାସନାଙ୍କର ନିର୍ବାଚନ ଲଢ଼ିବା ବୟସ ହୋଇନଥିଲା। ତେଣୁ ତାଙ୍କ ଦାଦା ନିର୍ବାଚନ ଲଢ଼ି ବାଜିମାତ୍ କରିଥିଲେ। କଲେଜ ବେଳଠାରୁ ବାପାଙ୍କ ସହ ନିର୍ବାଚନ ପ୍ରଚାର କରୁଥିବା ଉପାସନା ୨୦୨୪ରେ ପ୍ରଥମ ଥର ପାଇଁ ବିଧାୟିକା ହୋଇଛନ୍ତି। ବ୍ରହ୍ମଗିରି ଭଳି ସମ୍ବେଦନଶୀଳ ନିର୍ବାଚନମଣ୍ଡଳୀରେ ଜିତିବା ଓ ସଂଗଠନକୁ ବଜାୟ ରଖିବା ଛୋଟିଆ କଥାନୁହେଁ। ବ୍ରହ୍ମଗିରିରେ ବିଜେଡ଼ିର ଭଲ ଭୋଟ୍ ଥିବାବେଳେ ସେଠାରୁ ନେତୃତ୍ୱ ନେଉଛନ୍ତି ସଂଜୟ ଦାସବର୍ମା। ଏମିତି ଏକ ପ୍ରତିକୂଳ ସ୍ଥିତିରେ ବି ଉପାସନାଙ୍କର ସାଂଗଠନିକ ଦକ୍ଷତାକୁ ନେଇ ଚର୍ଚ୍ଚା ହେବା ସ୍ୱାଭାବିକ।

ସୋଫିଆ ଓ ଉପାସନାଙ୍କ ଭଳି ବିଜେଡ଼ି ବିଧାୟିକା ବର୍ଷା ସିଂ ବରିହାବି ବେଶ୍ ଚର୍ଚ୍ଚା ସୃଷ୍ଟି କରିଛନ୍ତି। ବର୍ଷା ହେଉଛନ୍ତି ପୂର୍ବତନ ମନ୍ତ୍ରୀ ବିଜୟ ରଞ୍ଜନ ସିଂ ବରିହାଙ୍କ ଝିଅ। ୨୦୨୪ ନିର୍ବାଚନରେ ବରଗଡ଼ ଜିଲ୍ଲାରେ ପୂର୍ବତନ ମନ୍ତ୍ରୀ ଓ ଟାଣୁଆ ନେତାମାନେ ମାଟି କାମୁଡ଼ିଥିଲେ। ପଦ୍ମପୁରର ଟାଣୁଆ ନେତା ପ୍ରଦୀପ ପୁରୋହିତ ବି ସାଂସଦ ପ୍ରାର୍ଥୀ ଥିଲେ। ଗୋଟିଏ ପଟେ ବରଗଡ଼ରେ ବିଜେପିର ହାୱା ବହୁଥିବାବେଳେ ପଦ୍ମପୁର ନେତା ଦଳର ସାଂସଦ ପ୍ରାର୍ଥୀ ଥିଲେ। ଏଭଳି ଏକ ସ୍ଥିତିରେ ବି ୨୦୦୪ରେ ବର୍ଷା ୧୪ ହଜାର ଭୋଟ୍‌ରେ ଜିତିବା ଛୋଟିଆ କଥା ନୁହେଁ। ବିଜେଡ଼ିରେ ଏବେ ସେ ଆଗଧାଡ଼ିର ନେତ୍ରୀ ଭାବେ ପରିଚୟ ହାସଲ କରିଛନ୍ତି। ଦଳବି ତାଙ୍କୁ ବେଶ୍ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି।

## କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ

# ବିଜେଡ଼ିର ଗଡ଼ରକ୍ଷା ବିଜେପିର ଅଗ୍ନିପରୀକ୍ଷା

**କେନ୍ଦ୍ରାପଡ଼ାରୁ ଉତ୍କଳ କେଶରୀ ପାହାଡ଼ସିଂ**

ଆଗକୁ ଆସୁଛି ପଞ୍ଚାୟତ ନିର୍ବାଚନ। ସରଗରମ ହେବ ଗାଁ ଗଣ୍ଡା ରାଜନୀତି। ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାରେ ଜିଲ୍ଲା ପରିଷଦ ଆସନ ବେଶ୍ ଗୁରୁତ୍ୱ ବହନ କରେ। ଲମ୍ବା ବ୍ୟବଧାନରେ ପୂର୍ଣ୍ଣଚ୍ଛେଦ ପକାଇ ରାଜ୍ୟରେ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରି ଭାରତୀୟ ଜନତା ପାର୍ଟି ବସିଛି ଶାସନ ଗାଦିରେ। ଶାସକ ଦଳ ହିସାବରେ ଦଳ ଓହ୍ଲାଇବ ପଞ୍ଚାୟତ ନିର୍ବାଚନ ରଣାଙ୍ଗନକୁ। ତୃଣମୂଳ ସ୍ତରରେ ଜଣାଶୁଣା ମୁହଁ ବା ସଂଗଠନ ଥିବା ବ୍ୟକ୍ତିତ୍ୱଙ୍କୁ ଜିଲ୍ଲା ପରିଷଦ ପ୍ରାର୍ଥୀ ଭାବେ ଉତ୍ତୀର୍ଣ୍ଣ ନକଲେ ଜିତିବା କାଠିକର ପାଠ ହୋଇଯିବ ବୋଲି ତିନି ପ୍ରମୁଖ ଦଳ ଭଲଭାବେ ଜାଣିଛନ୍ତି ।


କେନ୍ଦ୍ରାପଡ଼ାରେ ସମୁଦାୟ ୩୨ଟି ଜିଲ୍ଲା ପରିଷଦ ଜୋନ୍ ରହିଛି। ଆଳି ବ୍ଲକରେ ୪ଟି, ଗରଦପୁର ବ୍ଲକ ଅଧିନରେ ୩ଟି, କେନ୍ଦ୍ରାପଡ଼ା ବ୍ଲକରେ ୩ଟି, ମହାକାଳପଡ଼ା ବ୍ଲକରେ ୫ଟି, ମାର୍ଶାଘାଇ ବ୍ଲକରେ ୩ଟି, ପଟ୍ଟାମୁଣ୍ଡାଇ ବ୍ଲକ ଅଧିନରେ ୪ଟି ଏବଂ ରାଜନଗର ବ୍ଲକରେ ୪ଟି ଜିଲ୍ଲାପରିଷଦ ଜୋନ୍ ଥିବାବେଳେ ରାଜକନିକା ବ୍ଲକରେ ରହିଛି ୩ ଜିଲ୍ଲା ପରିଷଦ ଜୋନ୍।

ଗତ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳ ଏକ ତରଫା ଭାବେ ଜିଲ୍ଲାରେ କ୍ଲିନ୍ ସୁଇପ୍ କରି ଜିଲ୍ଲା ପରିଷଦ ନିଜ ଅକ୍ତିଆରରେ ରଖିଥିଲା । ସମୁଦାୟ ୩୨ଟି ଜିଲ୍ଲା ପରିଷଦ ଜୋନ୍ ମଧ୍ୟରୁ ବିଜୁ ଜନତା ଦଳ ୩୧ଟି ଜୋନ୍ ରେ ବିଜୟ ହାସଲ କରିଥିଲା । କେବଳ ମହାକାଳପଡ଼ା ବ୍ଲକର ଜୋନ୍ ନଂ-୨୮ ରେ ବିଜେପି ପ୍ରାର୍ଥୀ ରଶ୍ମିରଞ୍ଜନ ବିଜୟ ଲାଭ କରିଥିଲେ ।

ତେବେ ବର୍ତ୍ତମାନ ସ୍ଥିତି ବଦଳି ଯାଇଛି। ରାଜ୍ୟରେ ବିଜେପି ସରକାର ଗାଦିରେ ବସି ସାରିଛି । ବର୍ତ୍ତମାନ ରାଜନୈତିକ ପାଣିପାଗର ଉତ୍ତରା ପବନ ବିଜେପି ସପକ୍ଷରେ ବହୁଛି । ରାଜ୍ୟରେ ବିଜେପି ସରକାର ଗଢ଼ିବା ପରେ ତମାମ ଜିଲ୍ଲା ଭଳି କେନ୍ଦ୍ରାପଡ଼ା ଜିଲ୍ଲାରେ ମଧ୍ୟ ସରପଞ୍ଚ, ୱାର୍ଡ ମେମ୍ବରଙ୍କ ଭଳି ପଞ୍ଚାୟତସ୍ତରୀୟ ନେତାମାନେ ଅନ୍ୟ ଦଳ ଛାଡି ପଦ୍ମ ଶିବିରରେ ଯୋଗ ଦେଉଥିବା ଦେଖା ଯାଉଛି । ଅନ୍ୟ ପକ୍ଷରେ ଜିଲ୍ଲାର ରାଜନୀତିକୁ ଅନୁଶୀଳନ କରି ଆଶଙ୍କା କରାଯାଉଛି, ଆଗାମୀ ପଞ୍ଚାୟତ ନିର୍ବାଚନରେ ଅନେକ ପୁରୁଣା ନେତା ବା ପ୍ରାର୍ଥୀ ପ୍ରତିଦ୍ୱନ୍ଦିତାରୁ ବାଦ୍ ପଡ଼ିବେ । ଏମିତି ବି ହୋଇପାରେ ବିରୋଧୀ ବିଜୁ ଜନତା ଦଳରୁ ପ୍ରାର୍ଥୀ ହେବା ନିମନ୍ତେ ଅନେକ ପୁରୁଣା ପ୍ରାର୍ଥୀ ଅମଙ୍ଗ ହୋଇ ପାରନ୍ତି । ଜିଲ୍ଲା ପରିଷଦ ପ୍ରାର୍ଥୀ ନିମନ୍ତେ ଦଳ ପକ୍ଷରୁ ନୂଆ ମୁହଁ ଓ ଯୁବ ପ୍ରାର୍ଥୀ ଖୋଜା ଚାଲିଥିବା ବିଜୁ ଜନତା ଦଳ ଅଳିନ୍ଦରେ ଚର୍ଚ୍ଚା ହେଉଛି । ଗତ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳ ଏକତରଫା ବିଜୟ ହାସଲ କରିଥିଲା। କିନ୍ତୁ ଚଳିତ ପଞ୍ଚାୟତ ନିର୍ବାଚନରେ ବିଜେଡିକୁ ବିଜେପି କଡା ଟକ୍କର ଦେବବୋଲି ରାଜନୀତି ସମୀକ୍ଷକମାନେ ମତବ୍ୟକ୍ତ କରୁଛନ୍ତି । ତେବେ ଦେଖିବାକୁ ବାକି ରହିଲା ଆଗାମୀ ପଞ୍ଚାୟତ ନିର୍ବାଚନରେ ଅଧାରୁ ଅଧିକ ଜିଲ୍ଲା ପରିଷଦ ଜୋନ୍ ହାତେଇ ବିଜେଡ଼ି ନିଜର ସମ୍ମାନ ରକ୍ଷା କରୁଛି ନା ରାଜ୍ୟରେ ସରକାର ଗଢି ଡ୍ରାଇଭର ସିଟ୍‌ରେ ବସିଥିବା ବିଜେପି ବାରଣା ଜିଲ୍ଲା ପରିଷଦ ଜୋନ୍ ହାତେଇ ଜିଲ୍ଲା ପରିଷଦ ଗଠନ କରିବାରେ ସକ୍ଷମ ହେଉଛି । ତମାମ ସମୀକରଣକୁ ଦେଖି ଜିଲ୍ଲାର ରାଜନୀତି ସମୀକ୍ଷକ ମାନେ କହୁଛନ୍ତି ଆଗାମୀ ପଞ୍ଚାୟତ ନିର୍ବାଚନ ଜିଲ୍ଲା ବିଜେଡ଼ି ପାଇଁ ଗଡ଼ ରକ୍ଷା ଏବଂ ଜିଲ୍ଲା ବିଜେପି ପାଇଁ ଅଗ୍ନିପରୀକ୍ଷା ସଦୃଶ ହେବ ।

## ଆଗକୁ ଜମିବ ରାଜ୍ୟ ରାଜନୀତି

# ରାଜ୍ୟସଭା ରେସ୍‌ରେ ସମୀର




ଆଉ ମାସକ ପରେ ରାଜ୍ୟସଭା ନିର୍ବାଚନ। ୨୦୦୮ ପରେ ପ୍ରଥମ ଥର ପାଇଁ ନିଜ ଦମ୍‌ରେ ବିଜେପି ପ୍ରାର୍ଥୀ ଦେବ । ନିର୍ବାଚନରେ ବିଜେପି ଦୁଇଟି ଆସନ ଜିତିବା ନିଶ୍ଚିତ । ଆଜିକା ଦିନରେ ବିରୋଧୀଙ୍କ ହାବଭାବ ଦେଖିଲେ ଲାଗୁଛି ବିଜେପି ତିନି ଆସନ ହାତେଇ ନେବ। କଂଗ୍ରେସ ଓ ବିଜେଡ଼ି ମଧ୍ୟରେ କୌଣସି ନେତା, ବୁଦ୍ଧିଜୀବୀ ବା ବିଶିଷ୍ଟ ବ୍ୟକ୍ତିଙ୍କୁ ନେଇ ସହମତି ହେବାର ସମ୍ଭାବନା କ୍ଷୀଣ। ଏହି ପରିପ୍ରେକ୍ଷୀରେ ବିଜେପିରେ ଏବେ ଆଶାୟୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ରାଜ୍ୟସଭା ନିର୍ବାଚନ ଦୌଡ଼ରେ ସର୍ବାଗ୍ରେ ରହିଛନ୍ତି ମନମୋହନ ସାମଲ। ସେ ହେଉଛନ୍ତି ଦଳର ଲକି ମାସ୍କଟ। ତାଙ୍କ ନେତୃତ୍ୱରେ ଦଳ ତିନିଥର କ୍ଷମତାର ସୁଆଦ ଚାଖିସାରିଛି। ରାଜ୍ୟ ବିଜେପି ସଭାପତି ମନମୋହନ ଗତ ନିର୍ବାଚନରେ ପରାସ୍ତ ହୋଇଥିଲେ । ୨୦୦୦ରେ ବି ସେ ହାରିବା ପରେ ରାଜ୍ୟସଭା ଯାଇଥିବାରୁ ଏଥର ବି ସମାନ ଫର୍ମୁଲାରେ ରାଜ୍ୟସଭା ଯିବାପାଇଁ ଆଶା ରଖିବା ସ୍ୱାଭାବିକ ।

ସେହିପରି ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ବି ରାଜ୍ୟସଭା ରେସ୍‌ରେ ରହିଛନ୍ତି । ଦଳ ପାଇଁ ସମର୍ପିତ କାର୍ଯ୍ୟକର୍ତ୍ତା ଭାବେ ସେ ଦଶନ୍ଧି ଦଶନ୍ଧି ଧରି କାମ କରି ଆସୁଛନ୍ତି। ୨୦୦୯ରେ ସେ ଥରେ ଟିକେଟ୍ ପାଇ ନିର୍ବାଚନ ଲଢ଼ିଥିଲେ। ସେବେଠାରୁ ଦଳ ତାଙ୍କୁ ବିଧାୟକ କି ସାଂସଦ ଟିକେଟ ମଧ୍ୟ ଦେଇନାହିଁ। ୨୦୨୪ରେ ଦଳ ବିଜୟରେ ସମୀରଙ୍କ ଭୂମିକାକୁ ବି ଅଣଦେଖା କରାଯାଇପାରିବ ନାହିଁ। ମନମୋହନଙ୍କ ପୂର୍ବରୁ ସେ ରାଜ୍ୟ ବିଜେପିର ମଙ୍ଗ ଧରି ଦଳକୁ ଚଳଚଞ୍ଚଳ କରିଥିଲେ। ଗତ ନିର୍ବାଚନ ବେଳେ ସେ ଇସ୍ତାହାର କମିଟି ଅଧ୍ୟକ୍ଷ ଥିଲେ। ଦଳର ବିଜୟ ପଛରେ ଇସ୍ତାହାରର ଏକ ପ୍ରମୁଖ ଭୂମିକା ରହିଥିବା ସମସ୍ତେ ସ୍ୱୀକାର କରୁଛନ୍ତି। ତେଣୁ ସମୀରଙ୍କ ନାମକୁ ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ମନମୋହନ ଓ ସମୀରଙ୍କ ବ୍ୟତୀତ, ବସନ୍ତ ପଣ୍ଡା ବି ଆଗ୍ରହୀ ଅଛନ୍ତି। ନୂଆପଡ଼ା ନିର୍ବାଚନ ବେଳେ ବସନ୍ତଙ୍କୁ ଏମିତି ପ୍ରତିଶ୍ରୁତି ଦିଆଯାଇଥିଲା। ସେହିପରି ଗୋଲକ ମହାପାତ୍ରଙ୍କ ନାମ ବି ଶୁଣିବାକୁ ମିଳୁଛି। ଗୋଲକଙ୍କର ସାଂଗଠନିକ ଦକ୍ଷତା ଥିବାବେଳେ ପୂର୍ବରୁ ସେ ସଭାପତି ରେସ୍‌ରେ ବି ରହିଥିଲେ। ଦଳ ପାଇଁ କାମ କରୁଥିଲେବି ଦେଢ଼ ଦଶନ୍ଧି ଧରି ସେ ଟିକେଟ ପାଇବାରୁ ବଞ୍ଚିତ ଅଛନ୍ତି। ଆଗାମୀ ରାଜ୍ୟସଭା ନିର୍ବାଚନରେ ଓଡ଼ିଶାରୁ ବାହାର ରାଜ୍ୟର ନେତାବି ରାଜ୍ୟସଭାକୁ ଯାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି ।

ODIA WEEKLY GARVIT ODIA

# ଜଗା-ରାଣା ଶୀତଳ ଯୁଦ୍ଧ

## ଫାଇଦା ଅପେକ୍ଷାରେ ଉମେଶ

ଭୁବନେଶ୍ୱର ମଧ୍ୟ ବିଜେପିରେ ଏବେ ଶୀତଳଯୁଦ୍ଧ ଆରମ୍ଭ ହୋଇଗଲାଣି। ପୂର୍ବରୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁଗତ ଜଗନ୍ନାଥ ପ୍ରଧାନ ଓ ଅପରାଜିତା ଷଡ଼ଙ୍ଗୀଙ୍କ ଅନୁଗତ ଉମେଶ ଖଣ୍ଡେଲୱାଲଙ୍କ ମଧ୍ୟରେ ଲଢ଼େଇ ଦେଖିବାକୁ ମିଳୁଥିଲା। କିନ୍ତୁ ଜଗାଙ୍କର ଭଲ ଭୋଟ୍ ବ୍ୟାଙ୍କ ଥିବାବେଳେ ଧର୍ମେନ୍ଦ୍ରଙ୍କ ଆଶୀର୍ବାଦ ବି ତାଙ୍କ ଉପରେ ରହିଥିଲା । ତେଣୁ ୨୦୧୯ ହେଉକି ୨୦୨୪ ଉମେଶଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଏବେ କିନ୍ତୁ ଭୁବନେଶ୍ୱର ମଧ୍ୟ ବିଜେପିରେ ଓଲଟ ପବନ ବହିବା ଆରମ୍ଭ କରିଛି। ଜଗନ୍ନାଥ ପ୍ରଧାନ ଆଉ ଧର୍ମେନ୍ଦ୍ରଙ୍କ କ୍ୟାମ୍ପରେ ନାହାନ୍ତି। ପୂର୍ବରୁ ଧର୍ମେନ୍ଦ୍ର ଭୁବନେଶ୍ୱର ଆସିଲେ ପାଖେପାଖେ ଛାଇ ଭଳି ଜଗା ରହୁଥିଲେ। ଏବେ କିନ୍ତୁ ତାଙ୍କର ଦେଖାଦର୍ଶନ ମିଳୁନାହିଁ । ସେ ମନମୋହନ-ମୋହନଙ୍କ କ୍ୟାମ୍ପରେ ଅଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଜଗାଙ୍କୁ ଦେଖିବାକୁ ମିଳୁଛି ।

ଅପରପକ୍ଷରେ ନୂଆବର୍ଷ ବେଳେ ରାଣା ପ୍ରତାପ ପାତ୍ରଙ୍କ ବ୍ୟାନର ସାରା ଭୁବନେଶ୍ୱରରେ ଛାଇ ହୋଇ ଯାଇଥିଲା । ରାଣା ହେଉଛନ୍ତି ଜଗାଙ୍କ ସମ୍ପର୍କୀୟ ଭଣଜା । ପୂର୍ବରୁ ସେ ବିଜୁ ଜନତା ଦଳର ଆଗଧାଡ଼ିର ଛାତ୍ର ନେତା ଥିଲେ । ବିଜେପିକୁ ଆସିବା ପରେ ସେ ପତିଆରା ଜାହିର କରିବାକୁ ଉଦ୍ୟମ କରୁଛନ୍ତି । ଧର୍ମେନ୍ଦ୍ରଙ୍କ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଏବେ ରାଣାଙ୍କୁ ଦେଖିବାକୁ ମିଳୁଛି ।







ବିଜେପି ମହଲରେ ହେଉଥିବା ଚର୍ଚ୍ଚା ଅନୁଯାୟୀ, ରାଣା ବିଧାୟକ ଭାବେ ଲଢ଼ିବାକୁ ଆଶା ରଖିଛନ୍ତି । ମାମୁଁଙ୍କ ଜାଗା ଭୁବନେଶ୍ୱର ମଧ୍ୟ ଉପରେ ଏବେ ସେ ଫୋକସ କରୁଛନ୍ତି । ଜଗା ଥରେ ସ୍ୱାଧୀନ ଓ ତିନିଥର ବିଜେପି ଟିକେଟରୁ ହାରି ଯାଇଛନ୍ତି। ଅନେକ ସମୟରେ ଟିକେଟ ଦେବା ପାଇଁ ଦଳ ଏକ ନିର୍ଦ୍ଦିଷ୍ଟ ଗାଇଡ଼ଲାଇନ୍ କରିଥାଏ। ବାରବାର ଦଳୀୟ ଟିକେଟରେ ହାରିଥିଲେ ଟିକେଟ ମିଳିବାର ସମ୍ଭାବନା ବି କମିବାର ନଜିର ରହିଛି। ଅବଶ୍ୟ ଜଗାଙ୍କୁ ଚବିଶରେ ଭାଗ୍ୟଦେବୀ ସାହା ନହେବାରୁ ସେ ଖୁବ୍ କମ୍ ଭୋଟରେ ହାରି ଯାଇଥିଲେ। ଏମିତିବି ଅପରାଜିତା ଜଗାଙ୍କ ଟିକେଟ କାଟିବାକୁ ଅହରହ ଉଦ୍ୟମ କରି ଆସୁଛନ୍ତି । ଏମିତି ଅଙ୍କ କଷି ରାଣା ଏବେ ମୁଣ୍ଡ ଟେକୁଥିବା ଜାଣିବାକୁ ମିଳିଛି। ଅପରପକ୍ଷରେ ଉମେଶ ଖଣ୍ଡେଲୱାଲଙ୍କର ଦଳରେ ବେଶ୍ କାଟତି ରହିଛି। ଜାତୀୟସ୍ତରର ଅନେକ ନେତାଙ୍କ ସହ ତାଙ୍କର ଭଲ ସମ୍ପର୍କ ରହିଛି। ନୀତିନ ନବୀନ ବି ତାଙ୍କୁ ଭଲଭାବେ ଜାଣିଛନ୍ତି। ନୀତିନ ନବୀନ ସଭାପତି ହେବାପରେ ପତିଆରା ଜାହିର କରିବାକୁ ସେ ଫେସବୁକ ପ୍ରୋଫାଇଲ୍‌ରେ ଏକ ଫଟୋ ପୋଷ୍ଟ କରିଛନ୍ତି। ରାଷ୍ଟ୍ରପତି ଭବନରେ ନୀତିନଙ୍କ ସହ ସେ ଅନେକ ବର୍ଷ ତଳେ ଏକାଠି ହୋଇଥିବାର ଫଟୋ ଛାଡ଼ିଛନ୍ତି। ଯାହାକି ବେଶ୍ ଚର୍ଚ୍ଚା ସୃଷ୍ଟିକରିଛି। ଅପରାଜିତା ଷଡ଼ଙ୍ଗୀ ବି ଉମେଶଙ୍କ ପାଇଁ ଲବି ଜାରି ରଖିଛନ୍ତି । ମାମୁଁ ଭଣଜାଙ୍କ ମଧ୍ୟରେ ଶୀତଳଯୁଦ୍ଧରୁ ସେ ଫାଇଦା ନେବାକୁ ଏବେ ଓର ଉଣ୍ଡୁଛନ୍ତି।

## ଲକ୍ଷ୍ମୀପୁରରେ ନୂଆ ଟ୍ରେଣ୍ଡ

# ଥରେ ବିଧାୟକ ହେବା ପରେ ପ୍ରତ୍ୟାଖ୍ୟାତ

**କୋରାପୁଟରୁ ଶରତ ନାୟକଙ୍କ ରିପୋର୍ଟ**

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଥରୁଟିଏ ବିଧାୟକ ହେବା ପରେ ପ୍ରତ୍ୟାଖ୍ୟାତ ହେଉଥିବା ଦେଖିବାକୁ ମିଳିଛି। ୨୦୦୯ରୁ ଏଯାବତ୍ ୪ ଥର ନିର୍ବାଚନ ହୋଇଥିବାବେଳେ ସବୁଥର ନୂଆ ବିଧାୟକ ଦେଖିବାକୁ ମିଳୁଛି। ଫଳରେ ପୂର୍ବତନ ବିଧାୟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଗାଏମୋଟ୍ କହିଲେ ବିଧାୟକମାନେ ଲକ୍ଷ୍ମୀପୁରରେ ଦ୍ୱିତୀୟ ଥର ନିର୍ବାଚିତ ହୋଇପାରୁନାହାନ୍ତି। ୨୦୦୯ରେ ବିଜେଡିରୁ ଝିନ ହିକକା ନିର୍ବାଚିତ ହୋଇଥିବା ବେଳେ ୨୦୧୪ ରେ କଂଗ୍ରେସର କୈଳାସ ଚନ୍ଦ୍ର କୁଲେସିକା ନିର୍ବାଚନ ଜିତିଥିଲେ। ସେହିପରି ୨୦୧୯ ରେ ବିଜେଡିର ପ୍ରଭୁ ଜାନି ବାଜିମାତ୍ କରିଥିଲେ । ଗତ ଚବିଶ ନିର୍ବାଚନରେ ବିଜେଡ଼ିରୁ ପ୍ରଭୁ ଜାନି ଓ ବିଜେପିରୁ କୈଳାସ ଚନ୍ଦ୍ର କୁଲେସିକା ଲଢ଼ିଥିଲେବି କଂଗ୍ରେସରୁ ଲଢ଼ି ବାଜିମାତ୍ କରିଥିଲେ ଯୁବ ନେତା ପବିତ୍ର ସାଉନ୍ତା ।






କହିବାକୁ ଗଲେ ୨୦୦୯ ରୁ ଲକ୍ଷ୍ମୀପୁର ବିଧାନସଭା ମଣ୍ଡଳୀରୁ କାଶିପୁର ବ୍ଲକ ବାଦ୍ ପଡି ଦଶମନ୍ତପୁର ବ୍ଲକ ସହିତ ସଂଲଗ୍ନ ହେବା ପରେ ହୋଇଥିବା ୪ ସାଧାରଣ ନିର୍ବାଚନରେ ବିଜେଡି ଦୁଇ ଥର ଓ କଂଗ୍ରେସ ଦୁଇ ଥର ଏହି ଆସନକୁ ଅକ୍ତିଆର କରିବାକୁ ସଫଳ ହୋଇଛି । ତେବେ ଲଗାତର କୌଣସି ଦଳ କିମ୍ବା ପ୍ରାର୍ଥୀ ବିଜୟୀ ହୋଇନାହାନ୍ତି ।

୧୯୭୪ରୁ ଲକ୍ଷ୍ମୀପୁର ବିଧାନସଭା ଆସନ ପାଇଁ ନିର୍ବାଚନ ହୋଇଆସୁଛି । ଅତୀତରେ ବି ଥରେ ଅଧେ ସମୟକୁ ଛାଡ଼ିଦେଲେ ବାକି ସମୟରେ ପ୍ରତିଥର ବିଧାୟକ ବଦଳୁଥିବାର ନଜିର ରହିଛି। ୧୯୭୪ରେ ଅନନ୍ତରାମ ମାଝୀ, ୧୯୭୭ରେ ଅଖିଳ ସାଉଁଟା ଜିଣିଥିଲେ। ତେବେ ଅନନ୍ତରାମ ମାଝୀ ୧୯୮୦ ଓ ୧୯୮୫ରେ ଲଗାତର ବାଜିମାତ୍ କରିବାରେ ସଫଳ ହୋଇଥିଲେ। ୧୯୯୦ରେ ଅଖିଳ ସାଉଁଟା, ୧୯୯୫ରେ ଅନନ୍ତରାମ ମାଝୀ ବିଜୟୀ ହୋଇଥିଲେ। ତେବେ ୧୯୯୯ ଉପନିର୍ବାଚନରେ ଏଠାରୁ ଗିରିଧର ଗମାଙ୍ଗ ଜିତିଥିବାବେଳେ ୨୦୦୦ରେ ବିଭୀଷଣ ମାଝୀ ଜିଣିଥିଲେ। ୨୦୦୪ରେ ଅନନ୍ତ ରାମ ମାଝୀ ଓ ୨୦୦୮ ଉପନିର୍ବାଚନରେ ପୂର୍ଣ୍ଣଚନ୍ଦ୍ର ମାଝୀ ବିଜୟୀ ହୋଇଥିଲେ ।

## ପବିତ୍ରଙ୍କୁ ନେଇ ବିବାଦ

# ଉନ୍ନୟନ କାର୍ଯ୍ୟରେ ବିଧାୟକଙ୍କ ଫଟୋ ଓ ଦଳୀୟ ଚିହ୍ନ

**କୋରାପୁଟରୁ ଶରତ ନାୟକଙ୍କ ରିପୋର୍ଟ**

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ଏବେ ଏକ ରାଜନୈତିକ ବିବାଦ ଦେଖିବାକୁ ମିଳିଛି। ଏନେଇ ବିଜେଡି ଓ ବିଜେପି ଦୁଇ ବିରୋଧୀ ଦଳ ମିଶି ଘେରିଛନ୍ତି କଂଗ୍ରେସର ବିଧାୟକ ପବିତ୍ର ସାଉନ୍ତାଙ୍କୁ। ଏମିତିକି କୋରାପୁଟ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ ବି କରାଯାଇଛି।

ଘଟଣାଟି ହେଉଛି ସରକାରଙ୍କ ଉନ୍ନୟନ କାର୍ଯ୍ୟରେ ବିଧାୟକ ତାଙ୍କ ଫଟୋ ସହିତ କଂଗ୍ରେସ ଦଳର ହାତ ଚିହ୍ନ ମାରିଛନ୍ତି। ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ଦଶମନ୍ତପୁର ଓ ଲକ୍ଷ୍ମୀପୁର ବ୍ଲକରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ଲକ୍ଷ୍ମୀପୁର ବ୍ଲକର କାକିରିଗୁମ୍ମା ଓ ଅନ୍ୟ କିଛି ସ୍ଥାନରେ ସୋଲାର ଦ୍ୱାରା ପରିଚାଳିତ ପାନୀୟ ଜଳ ପ୍ରକଳ୍ପ ଜଣେ ଦଳୀୟ ପଞ୍ଚାୟତସ୍ତରୀୟ ସଭାପତିଙ୍କ ବାରିରେ ସ୍ଥାପନ କରାଯାଇଛି। ସେଥିରେ ବିଧାୟକ ପବିତ୍ର ସାଉନ୍ତାଙ୍କ ଫଟୋ ସହିତ ହାତ ଚିହ୍ନ ଥିବା ଏକ ବୋର୍ଡ ଲଗାଯାଇଛି। ସେହିପରି ଦଶମନ୍ତପୁର ବ୍ଲକର ଏକ ଗ୍ରାମରେ ଏକ ସୋଲାର ଲାଇଟ୍ ଲଗାଯାଇଥିଲା ବେଳେ ସେହି ଖୁଣ୍ଟରେ ସେହି ଦୃଶ୍ୟ ଦେଖିବାକୁ ମିଳିଛି।





ଏହି ଘଟଣାକୁ ନେଇ ସାଧାରଣରେ ଆଲୋଚନା ଜୋର ଧରିଥିବା ବେଳେ ଉଭୟ ଶାସକ ଓ ବିରୋଧୀ ବିଜେଡ଼ିର ନେତାମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ସରକାରୀ ଅର୍ଥରେ କରାଯାଇଥିବା ଉନ୍ନୟନ କାର୍ଯ୍ୟରେ ବିଧାୟକଙ୍କ ଫଟୋ ସହିତ ହାତ ଚିହ୍ନ ବୋର୍ଡ କଣ ପାଇଁ ଲଗାଯାଇଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଅଭିଯୋଗ ପାଇବା ପରେ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ପରେ ଯେଉଁ ଯେଉଁ ପ୍ରକଳ୍ପରେ ସେଭଳି ହୋଇଥିଲା ତାହାକୁ କାଢ଼ି ଦିଆଯାଇଛି। ତେବେ ପ୍ରଶ୍ନ ଉଠୁଛି ସରକାରୀ ଅର୍ଥର କରାଯାଇଥିବା ଉନ୍ନୟନ କାର୍ଯ୍ୟଗୁଡ଼ିକରେ ବିଧାୟକଙ୍କ ଫଟୋ ସହିତ କଂଗ୍ରେସର ହାତ ଚିହ୍ନ ଥିବା ବୋର୍ଡ ଲଗାଗଲା କିପରି ? ସେହିପରି ସରକାରୀ ଅର୍ଥ ବ୍ୟୟ କରାଯାଇ ବ୍ୟକ୍ତିଗତ ସ୍ଥାନରେ ସୋଲାର ପାଣି ପ୍ରକଳ୍ପ ସ୍ଥାପନ କରାଗଲା କିପରି ବୋଲି ବି ପ୍ରଶ୍ନ ଉଠିଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ବିଧାୟକଙ୍କ ଜାଣତରେ ଏମିତି ହୋଇଥିଲା ନା ଅଜାଣତରେ।

## କାହାକୁ ମଜଭୁତ୍ କରୁଛନ୍ତି ଅମରେନ୍ଦ୍ର ?

# ବିଜେଡ଼ି ନା ବିଜେପି

**ଜଗତସିଂହପୁରରୁ ଅଶ୍ୱିନୀ ପଟ୍ଟନାୟକ**

ଏକଦା ଜଗତସିଂହପୁରର ଟାଣୁଆ ବିଜେଡ଼ି ନେତା ଭାବେ ଅମରେନ୍ଦ୍ର ଦାସଙ୍କର ସୁନାମ ରହିଥିଲା । ବିଶେଷକରି ବିଷ୍ଣୁ ଦାସଙ୍କ ଅବର୍ତ୍ତମାନରେ ଅମରେନ୍ଦ୍ର ନିଜର ଚେର ମଜବୁତ୍ କରିପାରିଥିଲେ । ଜଗତସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ଲଢ଼ିବା ପାଇଁ ସେ ଦୁଇ ଦୁଇ ଥର ଆଶା ରଖିଥିଲେବି ସମ୍ଭବପର ହୋଇନଥିଲା । ଏମିତିବି ୨୦୧୯ରେ ପ୍ରଶାନ୍ତ ମୁଦୁଲିଙ୍କୁ ବିଜେଡ଼ି ଟିକେଟ୍ ମିଳିବାରୁ ତାଙ୍କର ସମର୍ଥକମାନେ ରାସ୍ତାରେ ଜଳାପୋଡ଼ା କରିବାକୁ ପଛାଇନଥିଲେ । ପରେ ଅବଶ୍ୟ ଦଳ ବୁଝାଶୁଝା କରିବାରୁ ଅମରେନ୍ଦ୍ର ଶାନ୍ତ ପଡ଼ିଥିଲେ । ୨୦୨୪ରେ ବି ଅମରେନ୍ଦ୍ର ଶଙ୍ଖ ଟିକେଟ ପାଇଁ ଆଶା ରଖି ଢେର ପରିଶ୍ରମ କରିଥିଲେ । କିନ୍ତୁ ବାଲିକୁଦା-ଏରସମା ରାଜନୀତି ପାଇଁ ଅମରେନ୍ଦ୍ର ବଳି ପଡ଼ିଥିଲେ । ବିଜେଡ଼ିରେ ଆଉ ଭବିଷ୍ୟତ ନଥିବାରୁ ଅମରେନ୍ଦ୍ର ପଦ୍ମ ପୋଖରୀରେ ବୁଡ଼ ପକାଇବା ସହ ଟିକେଟ୍ ବି ହାତେଇ ନେଇଥିଲେ । ୨୦୧୯ ପରେ ବିଜେପି ଜଗତସିଂହପୁରରେ ବଢ଼ିବାକୁ ଲାଗିଥିଲା । ଚବିଶ ନିର୍ବାଚନ ବେଳକୁ ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଦଳର ଭୋଟ୍ ପ୍ରାୟ ଷାଠିଏ ହଜାର ଛୁଇଁ ଯାଇଥିଲା । ଏକଥା ଜୋର୍ ଦେଇ କହିବାର କାରଣ ହେଉଛି, ଜଗତସିଂହପୁର ଜିଲ୍ଲାର ବାଲିକୁଦା ଏରସମା, ତିର୍ତ୍ତୋଲ ଅବା ପାରାଦୀପରେ ବିଜେପିର ଭୋଟ୍ ବି ସେହି ହାରରେ ବଢ଼ିଥିବା ତଥ୍ୟ କହୁଛି । ତେବେ ସେ ଯାହାହେଉନା




କାହିଁକି, ବିଜେପିର ଭୋଟ୍ ଓ ନିଜର ପକେଟ୍ ଭୋଟ ବଳରେ ଅମରେନ୍ଦ୍ର ବଡ଼ିଆ ବିଜୟ ହାସଲ କରିଥିଲେ । ଏହାପରେ ସ୍ଥାନୀୟ ବିଜେପି ନେତା ଓ କାର୍ଯର୍ୟକର୍ତ୍ତାମାନେ ଭାବିଥିଲେ ଏବେ ଆମର ଭଲ ବେଳ ଆସିଲା । ବିଜେଡ଼ି କର୍ମୀ ଓ ନେତାଙ୍କ ଭଳି ସେମାନେ ବି ଜଗତସିଂହପୁର ହେଡ଼କ୍ୱାର୍ଟରରେ ନିଜର ଦବଦବା ଜାହିର କରିବେ । ଅନେକ ଦିନର ପରିଶ୍ରମର ଫଳ ସେମାନେ ପାଇବେ । କିନ୍ତୁ ଏବେ ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି । ଅମରେନ୍ଦ୍ର ବିଧାୟକ ହେବାପରେ ବିଜେପି କାର୍ଯ୍ୟକର୍ତ୍ତାଙ୍କ ଅପେକ୍ଷା ବିଜେଡ଼ି କର୍ମୀମାନଙ୍କର ହିଁ ଦବଦବା ବଢୁଥିବା ଲକ୍ଷ୍ୟ କରାଯାଉଛି । ବର୍ଷ ବର୍ଷ ଧରି କ୍ଷମତା ବାହାରେ ରହି ଯେଉଁ କାର୍ଯ୍ୟକର୍ତ୍ତାମାନେ ଦଳକୁ ଏତେବାଟରେ ପହଁଚାଇଥିଲେ ସେମାନେ ଏବେ ଯେଉଁ ତିମିରେକୁ ସେଇ ତିମିରେ ଅବସ୍ଥାରେ ହିଁ ରହିଛନ୍ତି । ଅମରେନ୍ଦ୍ର ନିଜର ପୁରୁଣା ବିଜେଡ଼ି ସହଯୋଗୀଙ୍କୁ ଧରି ହିଁ ବାଟ ଚାଲୁଛନ୍ତି । ଯାହାକୁ ନେଇ ଜଗତସିଂହପୁର ବିଜେପିରେ ଏବେ ଅସନ୍ତୋଷ ବଢ଼ିବାରେ ଲାଗିଛି । ବିଧାୟକ ଦଳୀୟ ସଂଗଠନ ଅପେକ୍ଷା ବ୍ୟକ୍ତିଗତ ସଂଗଠନ ଉପରେ ଜୋର୍ ଦେଉଥିବା ଲକ୍ଷ୍ୟ କରାଯାଉଛି । ଯାହାକୁ ନେଇ ପୂର୍ବତନ ବିଜେପି ଜିଲ୍ଲା ସଭାପତି, ବର୍ତ୍ତମାନର ଜିଲ୍ଲା ସଭାପତି, ସାଂସଦ ବିଭୂ ପ୍ରସାଦ ତରାଇଙ୍କ ଠାରୁ ନେଇ ଅନେକ ନେତା ଏବେ ଏକାଠି ହୋଇ ଦଳକୁ ମଜବୁତ୍ କରିବାର ପଣ କରିଛନ୍ତି । ତେବେ ଦେଖାଯାଉ, ବିଜେଡ଼ି କର୍ମୀଙ୍କୁ ଧରି ଅମରେନ୍ଦ୍ର ନିଜକୁ ମଜବୁତ୍ କରୁଛନ୍ତି ନା ପୁରୁଣା କାର୍ଯ୍ୟକର୍ତ୍ତାମାନେ ଯୁଦ୍ଧଂଦେହୀ ଡାକରା ଦେଉଛନ୍ତି? ଯଦି ଏମିତି ବାଦିପାଲା ଚାଲେ, ପଞ୍ଚାୟତ ନିର୍ବାଚନରେ ଦଳକୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ ।

ODIA WEEKLY GARVIT ODIA

# ବାପିଙ୍କ ହାତରେ ଭଦ୍ରକ ବିଜେଡ଼ି

ଭଦ୍ରକ ବିଜେଡ଼ି ହାଲ୍ ଏବେ ବେହାଲ୍ । ଟାଣୁଆ ନେତା ପ୍ରଫୁଲ୍ଲ ସାମଲ ବିଜେଡ଼ିରେ ଥିଲେବି ନଥିଲା ଭଳି ସ୍ଥିତିରେ ରହିଛନ୍ତି । କାହିଁକିନା ପ୍ରଫୁଲ୍ଲଙ୍କ ସମର୍ଥକମାନେ ଏବେ ତାଙ୍କ ପୁଅ ପ୍ରୟାସକାନ୍ତି ସାମଲଙ୍କ ସହ ବିଜେପିକୁ ପଳାଇ ଯାଇଛନ୍ତି । ଏଭଳି ସ୍ଥିତିରେ ଭଦ୍ରକ ବିଜେଡ଼ିର ମଙ୍ଗ କିଏ ଧରିବେ ତାହାକୁ ନେଇ ଚର୍ଚ୍ଚା ଲାଗି ରହିଥିଲା । ଶେଷରେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କ ଉପରେ ଭରସା କରିଛନ୍ତି । ବିଜେଡ଼ିର ଭଦ୍ରକ ଜିଲ୍ଲା ସଭାପତି ଭାବେ ବାପିଙ୍କୁ ଦାୟିତ୍ୱ ମିଳିଛି । ଯାହାକି ତାଙ୍କ ପାଇଁ ଏକ ବିରାଟ ଆହ୍ୱାନ କହିଲେ ଭୁଲ୍ ହେବନାହିଁ । ବାପିଙ୍କରଯେ, ସାଂଗଠନିକ ଦକ୍ଷତା ନାହିଁ, ତାହା ନୁହେଁ । କାହିଁକିନା ଏକଦା ସେ ଦଳର ଯୁବ ବାହିନୀ ସମ୍ଭାଳିଥିଲେ । ସେତେବେଳେ ଦଳ ସରକାରରେ ଥିଲା । ବାପି ବି କ୍ଷମତା ଉପଭୋଗ କରୁଥିଲେ । ତେଣୁ ବିଶେଷ କିଛି କଷ୍ଟ ନଥିଲା । ଏବେ କିନ୍ତୁ ସ୍ଥିତି ପଲଟବାର କରିସାରିଛି । ଚବିଶରେ ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ସେ ପରାସ୍ତ କରିଥିଲେ । ପରାଜୟର ଗ୍ଲାନି ଭୁଲି ଏବେ ମନମୋହନ ଚାନ୍ଦବାଲି ଉପରେ ଫୋକସ କରିବା ଆରମ୍ଭ କରିଦେଇଛନ୍ତି । ଶାସକ ଦଳର ରାଜ୍ୟ ସଭାପତି ହୋଇଥିବାରୁ ପୂରା ପ୍ରଶାସନିକ କଳ ବି ତାଙ୍କୁ ସହଯୋଗ କରୁଛନ୍ତି । ଇତିମଧ୍ୟରେ ବିଜେଡ଼ିର କିଛି କର୍ମୀ ଓ ନେତାଙ୍କୁ ମନମୋହନ ବିଜେପି କ୍ୟାମ୍ପକୁ ନେଇ ସାରିଛନ୍ତି । ଚାନ୍ଦବାଲିରୁ ତିନିଥର ହାରିଥିବାରୁ ମନମୋହନ କଳେବଳେ କୌଶଳେ ୨୦୨୯ରେ ସେଠାରୁ ଜିତିବା ପାଇଁ ରଣନୀତି କରିଛନ୍ତି । ତେଣୁ ଚାନ୍ଦବାଲି ସମ୍ଭାଳିବା ବାପିଙ୍କ ପାଇଁ କଷ୍ଟକର ହୋଇପଡ଼ିଛି । ଟିକିଏ ଓଲମବିଲମ ହେଲେ ସମର୍ଥକମାନେ ବିଜେଡ଼ି ହୁଡ଼ା ଡେଇଁ ବିଜେପି ପୋଖରୀକୁ ଜମ୍ପ ମାରିପାରନ୍ତି । ସେହିପରି ପ୍ରଶାସନିକ କଳର ସହଯୋଗ ବି ତାଙ୍କୁ ମିଳୁନାହିଁ । ପ୍ରତି ମୁହୂର୍ତ୍ତରେ ତାଙ୍କୁ ଲଢ଼େଇ କରିବାକୁ ପଡୁଛି । ଖାଲି ସେତିକିନୁହେଁ, ଭଦ୍ରକ ସାଂସଦ ବିଜେପିର ହୋଇଥିବାବେଳେ ଧାମନଗରର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଏବେ ମନ୍ତ୍ରୀ ରହିଛନ୍ତି । ଭଦ୍ରକ ବିଧାନସଭା ଆସନଟି ବିଜେପି ହାତରେ ଥିବାବେଳେ ବାସୁଦେବପୁର ନିର୍ବାଚନମଣ୍ଡଳୀ କଂଗ୍ରେସ ହାତରେ ରହିଛି । ଏମିତିବି ବିଜେଡ଼ିରେ ଏବେ ସବୁ କିଛି ଠିକ୍ ଚାଲିନାହିଁ । ନବୀନ ପଟ୍ଟନାୟକଙ୍କ ରଣନୀତି ଏବେବି ନେତା ଓ କର୍ମୀମାନେ ଜାଣିପାରୁନାହାନ୍ତି । ସେହିପରି ମନମୋହନ ଏବେ ପଞ୍ଚାୟତସ୍ତରରେ ଅପରେସନ୍ ଲୋଟସ୍ ଆରମ୍ଭ କରିବାକୁ ଯାଉଛନ୍ତି । ଏନେଇ ବଡ଼ ବଡ଼ ନେତାଙ୍କୁ ଦାୟିତ୍ୱ ଦିଆଯାଇଛି । ଅନେକ ପ୍ରତିକୂଳ ସ୍ଥିତିରେ ବାପି ଭଦ୍ରକ ବିଜେଡ଼ିକୁ କେତେ ମଜବୁତ୍ କରୁଛନ୍ତି ତାହା ପଞ୍ଚାୟତ ନିର୍ବାଚନ ବେଳେ ହିଁ ସ୍ପଷ୍ଟ ହୋଇପାରିବ ।



ଗର୍ବିତ ଓଡ଼ିଆ

# ପଞ୍ଚାୟତ ପାଇଁ ପାଗ ଭିଡ଼ିଲେଣି ସଂଜୟ



ଚବିଶ ପରାଜୟର ଗ୍ଲାନି ଭୁଲି ବିଜେଡ଼ି ନେତାମାନେ ଏବେ ପଞ୍ଚାୟତ ଜଗିବା ଆରମ୍ଭ କରିଦେଲେଣି। ପୁରୀ ଜିଲ୍ଲାର ଟାଣୁଆ ନେତା ସଂଜୟ ଦାସବର୍ମା ବି ପଛରେ ପଡ଼ିନାହାନ୍ତି। ଉପାସନା ବ୍ରହ୍ମଗିରି, କୃଷ୍ଣପ୍ରସାଦ ଓ ପୁରୀ ସଦର ବ୍ଲକରେ ଘାଇଁଘାଇଁ ହୋଇ ବୁଲୁଥିବାବେଳେ ଏବେ ସଂଜୟ ବି ପଞ୍ଚାୟତ ନେତାମାନଙ୍କ ସହ ବସି ରଣନୀତି ଆରମ୍ଭ କରିଦେଲେଣି। କେତେବେଳେ ସେ ଏରିଆରେ ସଭା କରୁଛନ୍ତି ତ ଆଉ କେବେ ଶଙ୍ଖଭବନକୁ ଡକାଇ ନିର୍ବାଚନମଣ୍ଡଳୀ ନେତାଙ୍କ ସହ ଆଲୋଚନା କରୁଛନ୍ତି। ଏକଦା ରାଜ୍ୟ ରାଜନୀତିର ଟାଇଗର ଲୁଲୁ ମହାପାତ୍ରଙ୍କୁ ଦୁଇ ଦୁଇ ଥର ହରାଇ ସଂଜୟ ବିଜେଡ଼ି ରାଜନୀତିରେ ଦବଦବା ଜାହିର କରୁଥିଲେ। ଲୁଲୁଙ୍କ ପରଲୋକ ପରେ ସଂଜୟ ଭାବିଥିଲେ ସବୁବେଳେ ସେ ବ୍ରହ୍ମଗିରିରେ ରାଜ୍ କରିବେ। କିନ୍ତୁ ୨୦୧୯ରେ ସଂଜୟଙ୍କୁ ବ୍ରହ୍ମଗିରିବାସୀ ହରାଇଦେଲେ। ଲୁଲୁଙ୍କ ଭାଇ ବିଜେପି ଟିକେଟରେ ବାଜିମାତ୍ କରିବା ପରେ କ୍ଷୋଭ ଓ ଅଭିମାନରେ ସଂଜୟ ଆଉ ବ୍ରହ୍ମଗିରି ଗଲେନାହିଁ । ସେପଟେ ଉପାସନାଙ୍କୁ ବିଜେଡ଼ିକୁ ନେଇ ସଂଜୟଙ୍କୁ ପାନେ ଦେବାକୁ ବବି ଦାସ ଓ ଅନ୍ୟ କିଛି ନେତା ଉଦ୍ୟମ କରିବାରୁ ସଂଜୟ ଆଡ଼ରୁଷା ଦେଇ ବସି ରହିଥିଲେ। ଖାସ୍ ସେଇଥିପାଇଁ ଜିଦ୍‌ରେ ସେ ଆଉ ୨୦୨୪ରେ ବ୍ରହ୍ମଗିରିରୁ ନଲଢ଼ି ସତ୍ୟବାଦୀରୁ ଲଢ଼ିବାକୁ ନିଷ୍ପତ୍ତି ନେଇଥିଲେ। ଶେଷରେ ଉମା ସାମନ୍ତରାୟ ଅନିଚ୍ଛା ସତ୍ତ୍ୱେ ବ୍ରହ୍ମଗିରିରୁ ଲଢ଼ିଥିଲେ। ଏଭଳି ଭୁଲ୍ ରଣନୀତି କାରଣରୁ ଉଭୟ ସଂଜୟ ଓ ଉମାଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଥିବାବେଳେ ବିଜେପି ବାଜିମାତ୍ କରିଥିଲା। ହାରିବା ପରେ ଏବେ ସଂଜୟଙ୍କ ମନ ବୁଝିଯାଇଛି। ସତ୍ୟବାଦୀକୁ ଉମା ଫେରି ଯାଇଥିବାବେଳେ ବ୍ରହ୍ମଗିରିର ମଙ୍ଗ ଧରିଛନ୍ତି ସଂଜୟ। ଶଙ୍ଖ ଭବନରେ ବି ତାଙ୍କର କାଟତି ବଢ଼ିଯାଇଛି। ରାଜନୈତିକ ବ୍ୟାପାର କମିଟିରେ ବି ସ୍ଥାନ ମିଳିଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ସେ ବ୍ରହ୍ମଗିରିରେ ଶକ୍ତି ଦେଖାଇବାକୁ ରଣନୀତି କରୁଥିବାବେଳେ ସେପଟେ ଉପାସନାଙ୍କୁ ସବୁବେଳେ ନିର୍ବାଚନମଣ୍ଡଳୀରେ ଦେଖିବାକୁ ମିଳୁନି। ନବାଗତ ଓ ଅଭିଜ୍ଞର ଏହି ଲଢ଼େଇରେ କାହାର ଦମ୍ କେତେ ତାହା ପଞ୍ଚାୟତ ନିର୍ବାଚନ ବେଳେ ହିଁ ଜଣାପଡ଼ିବ।




# ରୁଦ୍ରଙ୍କ ପ୍ରତାପରେ ଠିକାଦାର ଛାନିଆ

ଏକଦା ପିପିଲି କହିଲେ ପ୍ରଦୀପ ମହାରଥିଙ୍କୁ ବୁଝାଉଥିଲା। ପ୍ରଦୀପଙ୍କ ଚାଲି, ଡାଇଲଗ, ଧମକ ଶୁଣି ପ୍ରଶାସନଠାରୁ ନେଇ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ଥରି ଉଠୁଥିଲେ। ମହାରଥିଙ୍କ ବିନା ପିପିଲି ଡେଲାଙ୍ଗରେ ପତ୍ରଟିଏ ହଲୁନଥିଲା। ହେଲେ ତାଙ୍କ ଅବର୍ତ୍ତମାନରେ ପୁଅ ରୁଦ୍ର ପ୍ରତାପ ମହାରଥି ପିପିଲିର ମଙ୍ଗ ଧରିଲେ। ନୂଆ କରି ପିପିଲି-ଡେଲାଙ୍ଗର ମଙ୍ଗ ଧରିଥିବାରୁ ସେଠାକାର ଲୋକଙ୍କ ରାଜନୀତିକ ପଲସ୍ ମାପିବାରେ ତ୍ରୁଟି ରହିଯାଇଥିଲା। ବିଶେଷକରି ସେ ଯୁବକମାନଙ୍କୁ ବେଶୀ ଅଗ୍ରାଧିକାର ଦେବାରୁ ବରିଷ୍ଠ ବିଜେଡ଼ି ନେତା ଫିଙ୍ଗିକି ଯାଇଥିଲେ। ଯେଉଁଥିପାଇଁ ଚବିଶରେ ମହାରଥିଙ୍କ ଗଡ଼ରେ ଏବେ ଆଶ୍ରୀତ ପଟ୍ଟନାୟକଙ୍କ ରାଜୁତି ଆରମ୍ଭ ହୋଇଯାଇଛି। ଅବଶ୍ୟ ଗତ ନିର୍ବାଚନରେ ସାରା ପୁରୀରେ ବିଜେପିର ହାୱା ବହିଥିଲା। ପୁରୀରେ ସୁନୀଲ ମହାନ୍ତି ଓ କାକଟପୁରରେ ତୁଷାରକାନ୍ତି ବେହେରାଙ୍କୁ ଛାଡ଼ିଦେଲେ ବାକି ସବୁ ନେତା ଟଳି ପଡ଼ିଥିଲେ। ତେଣୁ ବିଜେପି ହାୱା ମଧ୍ୟ ରୁଦ୍ରଙ୍କ ପରାଜୟର ଅନ୍ୟତମ କାରଣ। ହେଲେ ଏବେ ରୁଦ୍ର ବେଶ୍ ଚର୍ଚ୍ଚାରେ ଅଛନ୍ତି। ନିର୍ବାଚନମଣ୍ଡଳୀ ବୁଲୁଥିବାବେଳେ ରାସ୍ତା ଉପରେ ତାଙ୍କ ନଜର ପଡ଼ି ଯାଇଥିଲା। ଠିକାଦାର ଲୁଟିବା ପାଇଁ ଠିକ୍ ଭାବେ ପିଚୁ ରାସ୍ତା କରୁନଥିଲା। ଏହାଦେଖି ରାଗି ପାଚି ଲାଲ ହୋଇ ଯାଇଥିଲେ ରୁଦ୍ର। ରାସ୍ତାକୁ ବୁଟ୍‌ରେ ଖୋଳି ସେ ଠିକାଦାର ଉପରେ ଗର୍ଜିଥିଲେ। ସେଇଠୁ ଫୋନ୍ କରି ଯନ୍ତ୍ରୀଙ୍କୁ ଦି ପଦ କଡ଼ା କଥା ଶୁଣାଇ ଚେତାଇ ଦେଇଥିଲେ। ରୁଦ୍ରଙ୍କ ଏହି ପ୍ରତାପରେ ଠିକାଦାର, ଯନ୍ତ୍ରୀ ଛାନିଆ ହୋଇଯାଇଥିବାବେଳେ ସୋସିଆଲ ମିଡ଼ିଆରେ ତାଙ୍କର କ୍ରେଜ୍ ବି ବଢ଼ିଯାଇଛି। ତାଙ୍କର ଏହି ଧମକ ଭିଡ଼ିଓଟି ମିଲିୟନ ମିଲିୟନ୍ ଭିଉ ପାଇଥିବାବେଳେ ଲକ୍ଷ ଲକ୍ଷ ଲୋକଙ୍କ ପ୍ରଶଂସା ବି ସାଉଁଟି ପାରିଛନ୍ତି। ଆଗାମୀ ଦିନରେ ପଞ୍ଚାୟତ ନିର୍ବାଚନ। ଦେଖାଯାଉ ରୁଦ୍ର ବିଡ଼ିଓ, ଆଇଆଇସିଙ୍କ ସହ କେମିତି ଲଢ଼େଇ କରୁଛନ୍ତି। କାହିଁକିନା ବିଡ଼ିଓ ଓ ଆଇଆଇସିଙ୍କ ସହ ଲଢ଼େଇ ଜମାଣିଆ ହେଲେ ଲୋକଙ୍କ ଶ୍ରଦ୍ଧାଭାଜନ ହୋଇପାରିବେ।

## କେଉଁ କୂଳର ହେବେ ସମୀର ?

# ସୁବ୍ରତଙ୍କ ହାତରେ ବିଜେଡ଼ି ମଙ୍ଗ




ପୁରୀ ଜିଲ୍ଲାରେ ଏବେ ନିମାପଡ଼ା ରାଜନୀତି ସବୁଠୁ ଅଧିକ ଚର୍ଚ୍ଚାରେ ରହିଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କ ଭିତରେ ଜୋରଦାର ଲଢ଼େଇ ଆରମ୍ଭ ହୋଇଯାଇଛି। ଗତ ନିର୍ବାଚନରେ ଟିକେଟ ପାଇନଥିବାରୁ ରୁଷିକି ବିଜେଡ଼ି ଛାଡ଼ି ଦେଇଥିଲେ ସମୀର। ସ୍ୱାଧୀନ ଭାବେ ଲଢ଼ିବାକୁ ଦମ୍ଭ ଦେଖାଇଥିଲେବି ବଳ କୁଳାଇନଥିଲା। ତେଣୁ ଶେଷରେ ବିଜେପି ପୋଖରୀରେ ବୁଡ଼ ପକାଇବାକୁ ବାଧ୍ୟ ହୋଇଥିଲେ। ନିର୍ବାଚନ ସମୟରେ ସମୀରଙ୍କୁ ନିମାପଡ଼ା ବିଜେପିରେ ଜୁଆଁଇ ପୁଅ ଭଳି ଚର୍ଚ୍ଚା କରାଯାଉଥିଲା। କିନ୍ତୁ ପ୍ରଭାତୀ ବାଜିମାତ୍ କରି ଉପମୁଖ୍ୟମନ୍ତ୍ରୀ ହେବା ପରେ ସମୀରଙ୍କୁ କୋଣଠେସା କରି ଦିଆଗଲା। ନିଗମ ଓ ଅନ୍ୟ ପଦପଦବୀ ଆଶାରେ ବେଶ୍ କିଛିଦିନ ରାମମନ୍ଦିର ଆଢ଼େ ଘେରାଏ ବୁଲିଲେବି ନିରାଶ ହେବାକୁ ପଡ଼ିଲା। ପ୍ରଭାତୀଙ୍କ ପତିଆରାରେ ଧିରେଧିରେ ଫିକା ପଡ଼ିଯାଇଥିବା ସମୀର ପୁଣି ନିଜସ୍ୱ ସଂଗଠନ ଆରମ୍ଭ କରିଦେଇଥିଲେ। ଜିଲ୍ଲା ବିଜେପି ତାଙ୍କୁ ବିଦା କରିବାର ଧମକ ଦେଇଥିଲେବି ସେ ଖାତିର କରିନଥିଲେ । କାହିଁକିନା ତାଙ୍କର ବଳ ଥିଲା ବିଜେଡ଼ି। ଏମିତିବି ୨୦୨୪ରେ ବିଜେଡ଼ି ଟିକେଟରୁ ଲଢ଼ିଥିବା ଦିଲ୍ଲୀପ ନାୟକ ଠକେଇ ମାମଲାରେ ଛନ୍ଦି ହୋଇଯାଇଛନ୍ତି। ବିଜେଡ଼ି ତାଙ୍କୁ ଆଉ ସୁଯୋଗ ଦେବାର ନଥିବାରୁ ସମୀର ଭାବିଥିଲେ ଏହି ମଉକାରେ ବିଜେଡ଼ିକୁ ଯାଇ ପତିଆରା ଦେଖାଇବେ। କିନ୍ତୁ ଗତ ନିର୍ବାଚନରେ ସେ ଦଳକୁ ଧୋକା ଦେଇଥିବାରୁ କୌଣସି ବରିଷ୍ଠ ନେତା ସମୀରଙ୍କୁ ଆଉ ନେବାକୁ ଚାହିଁନଥିଲେ। ପୁରୀ ଜିଲ୍ଲାର ଟାଣୁଆ ନେତା ସଂଜୟ କୁମାର ଦାସବର୍ମାଙ୍କ ସହ ବି ପୂର୍ବରୁ ତାଙ୍କର ସମ୍ପର୍କ ତିକ୍ତ ଥିଲା। ତଥାପିବି ସମୀର ଯେଉଁ ଟିକକ ଆଶା ରଖିଥିଲେ ତାହା ବି ମଉଳି ଯାଇଛି। ନିକଟରେ ନିମାପଡ଼ାର କର୍ମୀ ଓ ନେତାଙ୍କୁ ଡାକି ଶଙ୍ଖ ଭବନରେ ବୈଠକ କରାଯାଇଥିଲା। ବଣିକ ଶିକ୍ଷାନୁଷ୍ଠାନର ମାଲିକ ସୁବ୍ରତ ଛାଟୋଇଙ୍କୁ ନବୀନ ବାବୁ ନିମାପଡ଼ାର ନେତା ଭାବେ ଦାୟିତ୍ୱ ଦେଇଛନ୍ତି। ଏବେ ସୁବ୍ରତଙ୍କ ହାତରେ ନିମାପଡ଼ାର ମଙ୍ଗ ଥିବାବେଳେ ୨୦୨୯ ରେ ସେ ହିଁ ଟିକେଟ୍ ପାଇବା ଏକରକମ ସ୍ପଷ୍ଟ ହୋଇଯାଇଛି। ଏଭଳି ସ୍ଥିତିରେ ସମୀରଙ୍କ ପାଖରେ ବିକଳ୍ପ କ'ଣ ? ତାହାକୁ ନେଇ ନିମାପଡ଼ା ରାଜନୀତି ସରଗରମ ହୋଇଯାଇଛି ।




ODIA WEEKLY • GARVIT ODIA

## ମୋ ପୁଅ ମାଡ଼ ଖାଇନି

ବିଧାୟକଙ୍କ ପୁଅଙ୍କ ଗାଡ଼ି ବିକ୍ଷୋଭକାରୀମାନେ ଭଙ୍ଗାରୁଜା କଲେ, ପୁଅଙ୍କୁ ବି ଉତ୍ତମ ମଧ୍ୟମ ଦେଲେ। ସାମାଜିକ ଗଣମାଧ୍ୟମରେ ଏକ ଭିଡ଼ିଓ ଭାଇରାଲ୍ ହେବା ସହ ବିରୋଧୀ ଏମିତି ହିଁ ବଖାଣିଥିଲେ । ତେବେ ଏନେଇ ବରଗଡ଼ ବିଜେପି ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ସ୍ପଷ୍ଟ କରିଛନ୍ତି, ତାଙ୍କ ପୁଅ ମାଡ଼ ଖାଇନି । ସେ ତାଙ୍କ ସହ ବୁଲୁଛି ବୋଲି କହିଥିଲେ। ଅପରପକ୍ଷରେ ପୁଲିସର ଭୂମିକାକୁ ନେଇ ବି ସନ୍ଦେହ ସୃଷ୍ଟିହୋଇଛି। ଘଟଣାଟି ଥିଲା ଏମିତି, ଟ୍ୟାଙ୍କର ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁକୁ ନେଇ ଲୋକେ ରାସ୍ତାରୋକ କରିଥିଲେ । ଏହି ସମୟରେ ଏକ ନୂଆଗାଡ଼ି ରାସ୍ତାରୋକକୁ ଖାତିର ନକରି ଆଗକୁ ମାଡ଼ି ଚାଲିଥିଲା । ଉତ୍ତ୍ୟକ୍ତ ଲୋକମାନେ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ଗାଡ଼ିରୁ ୪ ଯୁବକଙ୍କୁ ଟାଣିଆଣି ନିସ୍ତୁକ ମାଡ଼ ମାରିଥିଲେ। ଭିଡ଼ଭିତରୁ ପୁଲିସ୍ ସେମାନଙ୍କୁ ଉଦ୍ଧାର କରିଥିବାବେଳେ ସେମାନଙ୍କ ଭିତରେ ଅଶ୍ୱିନୀଙ୍କ ପୁଅ ଥିବା ଚର୍ଚ୍ଚା ହୋଇଥିଲା। ଅବଶ୍ୟ ଭାଇରାଲ୍ ଭିଡ଼ିଓରେ କିଛି ସ୍ପଷ୍ଟ ଚିତ୍ର ମିଳିନଥିଲା । ସବୁଠାରୁ ବଡ଼ କଥାଟି ହେଉଛି ମାଡ଼ ଖାଇଥିବା ଯୁବକମାନେ ଥାନାରେ ଏତଲା ଦେଇନଥିବାବେଳେ ପୁଲିସ୍ କିନ୍ତୁ ୨୫ ଜଣଙ୍କ ନାମରେ ଏତଲା ଦେଇ ତଦନ୍ତ କରୁଛି। କିନ୍ତୁ ଗାଡ଼ି ଭିତରେ କିଏ ଥିଲେ, ପୁଲିସ୍ କିନ୍ତୁ ମୁହଁ ଖୋଲୁନି । ଫଳରେ ଡାଲ୍ ମେଁ କୁଛ୍ କାଲା ହେଁ ବୋଲି ଲୋକେ ଚର୍ଚ୍ଚା କରୁଛନ୍ତି । ତେବେ ସତକୁ ବେଶୀଦିନ ଲୁଚାଯାଇ ପାରିବନି। କାହିଁକିନା ତଦନ୍ତ ପ୍ରକ୍ରିୟା ଆଗେଇଲେ ପୁଲିସ୍ ମୁହଁ ଖୋଲିବାକୁ ବାଧ୍ୟ ।

### ଖୋର୍ଦ୍ଧା ଯୁବମୋର୍ଚ୍ଚା ରେସ୍

## ଆଗରେ ସବ୍ୟସାଚୀ

କିଏ ହେବେ ଖୋର୍ଦ୍ଧା ବିଜେପି ଯୁବମୋର୍ଚ୍ଚା ସଭାପତି? ଏନେଇ ପୂର୍ବରୁ ପ୍ରଶାନ୍ତ ଜଗଦେବ ଓ ବିଶ୍ୱ ରଞ୍ଜନ ବଡ଼ଜେନାଙ୍କ ମଧ୍ୟରେ ଟଣାଓଟରା ଚାଲିଥିଲା । ତେବେ ବିଶ୍ୱଙ୍କ ଅନୁଗତ ହିଁ ଯୁବମୋର୍ଚ୍ଚା ସଭାପତି ହେବା ନିଶ୍ଚିତ । ଖୋର୍ଦ୍ଧା ବିଜେପି ଅଳିନ୍ଦରେ ହେଉଥିବା ଚର୍ଚ୍ଚା ଅନୁଯାୟୀ, ସବ୍ୟସାଚୀ ଦାଶ ଯୁବମୋର୍ଚ୍ଚା ରେସରେ ଆଗରେ ରହିଛନ୍ତି। ୧୦ ବର୍ଷ ଧରି ଏବିଭିପି ସହ ସେ ଜଡ଼ିତ ଥିବାବେଳେ ପିଏନ କଲେଜ ଓ ବିପିୟୁଟି କଲେଜ ଛାତ୍ର ସଂଗଠନରେ ବି ସକ୍ରିୟ ରହିଥିଲେ । ବିଜେପି ଯୁବମୋର୍ଚ୍ଚାରେ ବି ୪ ବର୍ଷ କାମ କରିବାର ଅଭିଜ୍ଞତା ରହିଛି। ସମ୍ପ୍ରତି ସେ ଖୋର୍ଦ୍ଧା ଜିଲ୍ଲା ବିଜେପି ସମ୍ପାଦକ ଥିବାବେଳେ ତାଙ୍କୁ ସଭାପତି କରାଯାଇପାରେ ବୋଲି ସୂଚନା ମିଳିଛି ।

ଗର୍ବିତ ଓଡ଼ିଆ

# 'ଲୁଲୁ' ରିଟର୍ଣ୍ଣସ୍



ଆଜ୍ଞା ଆପଣ ଶୀର୍ଷକ ପଢ଼ି ଭାବୁଥିବେ କେଉଁ ଲୁଲୁ? ଆମେ କହୁଛୁ ଏକଦା ରାଜ୍ୟ ରାଜନୀତିର ଟାଇଗର ଲୁଲୁ ମହାପାତ୍ରଙ୍କ କଥା । ପୁଣି ପଚାରିବେ, ସେ ତ ଆରପାରିକୁ ଯିବାର ୧୦ ବର୍ଷ ହେଲାଣି, କେମିତି ଲେଉଟିବେ? ଲୁଲୁ ସିନା ସଶରୀରରେ ନାହାନ୍ତି ହେଲେ ତାଙ୍କ ସାଂଗଠନିକ ଚିନ୍ତାଧାରା, ତାଙ୍କର ଆନ୍ଦୋଳନ ବିଚାରଧାରା ଏବେବି ବଞ୍ଚିଛି । ଦୁଇ ଦଶନ୍ଧି ତଳେ ସେ ଯେଉଁ ଯୁବ ଓ ଛାତ୍ର ନେତା ଚାରା ଲଗାଇଥିଲେ ଏବେ ତାହା ଗଛ ହୋଇଗଲାଣି । ସେମାନଙ୍କ ପାଖରେ ବି ଅଳ୍ପ ବହୁତ ସଂଗଠନ ଅଛି, ହେଲେ ଦଳରୁ ମାନେ କଂଗ୍ରେସରୁ ସହଯୋଗ ମିଳିପାରୁନାହିଁ । ଫଳରେ ଲୁଲୁ ଶିଖାଇଥିବା ଲଢୁଆ ମନୋଭାବ ସେମାନଙ୍କ ଭିତରେ ଗୁମୁରି ଗୁମୁରି କାନ୍ଦୁଛି । କିଛି ରାଜନୀତିକ ଫାଇଦା କି କ୍ଷମତା ମିଳୁକି ନମିଳୁ ସାରା ରାଜ୍ୟରେ ଉଦାହରଣ ସୃଷ୍ଟି କରିବାକୁ ଚାହୁଁଛନ୍ତି । ଏମିତି ଲକ୍ଷ୍ୟ ନେଇ ଲୁଲୁଙ୍କର ପ୍ରାୟ ଦେଢ଼ ହଜାର ଅନୁଗତ ଏକାଠି ହେବାକୁ ଯାଉଛନ୍ତି । ଲୁଲୁଙ୍କ ଜୟନ୍ତୀ ଅର୍ଥାତ୍ ଫେବୃଆରୀ ୧୪ରେ ସେମାନେ ବଡ଼ ଘୋଷଣା କରିବେ । ପୁରୀ ଜିଲ୍ଲାର ଜଣେ ଟାଣୁଆ ନେତା ଏହାର ମଙ୍ଗ ଧରିଛନ୍ତି । ସେମାନେ କଂଗ୍ରେସରେ ରହିବେ, ସଂଗଠନ କରିବେ ହେଲେ ଲୁଲୁଙ୍କ ବିଚାରଧାରାକୁ ବି ଆପଣାଇବେ । ବିଶେଷକରି ସରକାରଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ପୋଷଣ କରିବେ । ଲୁଲୁଙ୍କ ଅଣ୍ଡାମାଡ଼ ଫର୍ମୁଲା ବି ଆପଣାଇଲେ ଆଶ୍ଚର୍ଯ୍ୟ ହେବାର ନାହିଁ । ଏହି ନୂଆ ସଂଗଠନଟି ଜନ ପ୍ରସଙ୍ଗରେ ଆଗ ଜନତାଙ୍କ ପାଖକୁ ଯିବେ, ତା'ପରେ ଭିନ୍ନ ଢଙ୍ଗରେ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବେ । ଯାହା ସରକାରଙ୍କୁ ଅକଳରେ ପକାଇପାରେ, ସଂଗଠନକୁ ଜନତାଙ୍କ ସମର୍ଥନ ବି ମିଳିବ ବୋଲି ଲକ୍ଷ୍ୟ ରଖିଛନ୍ତି ।

ଅବଶ୍ୟ ଲୁଲୁଙ୍କ ପରଲୋକ ପରେ ଲୁଲୁ ସେନା ଗଠନ ହୋଇଥିଲା । କିନ୍ତୁ ୨୦୧୭ ଅକ୍ଟୋବର ୧୪ରେ ଲୁଲୁଙ୍କ ଝିଅ ଉପାସନା ମହାପାତ୍ର ଓ ଲୁଲୁଙ୍କ ଭାଇ ଲଳିତେନ୍ଦୁ ମହାପାତ୍ର ବିଜେପିରେ ସାମିଲ୍ ହୋଇଥିଲେ । ସେହି ସମୟରେ ଶହ ଶହ ଲୁଲୁ ସେନା କର୍ମୀ ବି ବିଜେପିରେ ମିଶି ଯାଇଥିଲେ । ଏବେ ଲୁଲୁଙ୍କ ପରିବାର ଦୁଇ ଦୁଇ ଥର କ୍ଷମତାର ସ୍ୱାଦ ଚାଖି ସାରିଲେଣି । ହେଲେ ଲୁଲୁ ଯେଉଁମାନଙ୍କୁ କଲେଜ ଅମଳରୁ ହାତ ଧରି ବାଟ ଶିଖାଇଥିଲେ ସେମାନେ କିନ୍ତୁ ରାଜନୀତିକ ପରିଚୟ ପାଇପାରିନାହାନ୍ତି । ଗୋଟିଏ ପଟେ କଂଗ୍ରେସର ଶୀତଳଯୁଦ୍ଧ ଓ ଗୋଷ୍ଠୀକନ୍ଦଳ ପାଇଁ ଲୁଲୁଙ୍କ ଅନୁଗତମାନେ ଭିନ୍ନ ଭିନ୍ନ ଗୋଷ୍ଠୀର ଆଶ୍ରାରେ ରହିବାକୁ ବାଧ୍ୟ ହୋଇଥିଲେ । ଦୀର୍ଘଦିନ ଧରି ସେମାନେ ରାଜନୀତିକ ପତିଆରା ଜାହିର କରିବାକୁ ଅସମର୍ଥ ହେବାପରେ ଏକାଠି ହେବାକୁ ଯାଉଛନ୍ତି । ଭିତରେ ଭିତରେ ରଣନୀତି ଆଲୋଚନା ହେଉଛି । ରାଜମହଲରୁ ବାଣୀବିହାର ପର୍ଯ୍ୟନ୍ତ ରାସ୍ତାକୁ ଲୁଲୁ ମହାପାତ୍ର ମାର୍ଗ କରିବାକୁ ଦାବି ପାଇଁ ସଜବାଜ ହେଉଛନ୍ତି । ପ୍ରତି ପ୍ରସଙ୍ଗରେ ସେମାନେ ସରକାର ଓ ବ୍ୟବସ୍ଥାକୁ ଘେରିବା ପାଇଁ ରଣନୀତି କରୁଛନ୍ତି । ଅବଶ୍ୟ ପିସିସି ସଭାପତି ଭକ୍ତ ଚରଣ ଦାସ ଏହାକୁ କିଭଳି ନଜରରେ ଦେଖିବେ ତାହା ତ ସମୟ କହିବ ।




# ପାଖାପାଖି ବସିଲେ, ହେଲେ...

ଏଇ ନିକଟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ରାମମନ୍ଦିର ପାଖ ହୋଟେଲରେ ସାମ୍ବାଦିକ ସମ୍ମିଳନୀ କରିଥିଲେ । ସାରା ରାଇଜ ଜାଣିଛି ଆଜିକାଲି ମୁକୁ ଓ ମନମୋହନଙ୍କ ମଧ୍ୟରେ କେମିତି ସମ୍ପର୍କ । ତେବେ ପାଖାପାଖି ବସୁଥିବାରୁ ସମସ୍ତଙ୍କ ନଜର ଦୁହିଁଙ୍କ ଉପରେ ରହିଥିଲା । ସାଧାରଣତଃ ନେତାମାନେ ମଞ୍ଚରେ ପାଖାପାଖି ବସିଲେ, ବେଶ୍ ଦି ପଦ ଭାବ ବିନିମୟ କରନ୍ତି । କିନ୍ତୁ ମଞ୍ଚରେ ସେମିତି କିଛି ଚିତ୍ର ଦେଖିବାକୁ ମିଳିଲା ନାହିଁ । ଅବଶ୍ୟ ଅଧିକାଂଶ ସମୟ ଧର୍ମେନ୍ଦ୍ର ପୋଡ଼ିୟମ ନିକଟରେ ରହିଥିଲେ । ଆଉ ଯେଉଁ କିଛି ମିନିଟ୍ ପାଖାପାଖି ବସିଥିଲେ, ତାହା କେବଳ ଫଟୋ ପୋଜ୍ ପାଇଁ କହିଲେ ଭୁଲ୍ ହେବନାହିଁ । ତଥାପିବି ଦୁଇ ନେତାଙ୍କୁ ଏକାଠି ବସିବାର ଦେଖି ଅନେକ ବିଜେପି ନେତା ଉତ୍ସାହିତ ହୋଇଯାଇଥିଲେ । କାହିଁକିନା କିଛି ନେତା ଏବେବି କନଫ୍ୟୁଜ୍ ଅଛନ୍ତି । କାହାର ନିକଟତର ହେଲେ ଭବିଷ୍ୟତ ପାଇଁ ଭଲ, ଜାଣିପାରୁନାହାନ୍ତି । କିଛି ବିଜେପି ନେତା ଢୁବି ତାବଲା ଭଳି ଗୋଟିଏ ହାତ ଧର୍ମେନ୍ଦ୍ରଙ୍କ ପାଖରେ ଆର ହାତଟି ମନମୋହନଙ୍କ ପାଖରେ ରଖୁଛନ୍ତି । ଅନେକ ନିଗମ ଆଶାୟୀଙ୍କ ମନରେ କିନ୍ତୁ ଗୋଟିଏ କଥା ଘୂରି ବୁଲୁଥିଲା । ତାହାହେଉଛି, ହୋଟେଲ ରୁମ୍‌ରେ ଯଦି ମନମୋହନ, ଧର୍ମେନ୍ଦ୍ରଙ୍କ ସହ ମୋହନ ଗୋଟିଏ ଘଣ୍ଟା କଥା ହୋଇଯାଇଥା'ନ୍ତେ ତେବେ ସେହିଦିନ ହିଁ ବିଜେପିର ନିଗମ ଲଡୁ ଫାଇନାଲ ହୋଇଯାଆନ୍ତା । ଅବଶ୍ୟ ଏତେ ସପନକୁ ରାତି କାଇଁ? ହୁଡ଼ାରେ ବସି ପଦୁଅଁ ପୋଖରୀକୁ ଗୋଡ଼ି ଫିଙ୍ଗି ତରଙ୍ଗର ମଜା ନେବା ଛଡ଼ା ଅନ୍ୟଗତି ନାହିଁ ।

Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor: BALARAM RANASINGH
Bureau Head: BHABANI PRASAD DAS